ମୂଲ୍ୟଗତ ତାରତମ୍ୟ କ୍ଷୁଦ୍ର ବ୍ୟବସାୟ, କୃଷକ ଓ ଗ୍ରାମାଞ୍ଚଳର ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ସେପ୍ଟେମ୍ବର ସମୟସୀମା ସୁଦ୍ଧା ସ୍ପିଡ୍ ପୋଷ୍ଟ ବ୍ୟବହାର କରିବା ପାଇଁ ଇଣ୍ଡିଆ ପୋଷ୍ଟର ସଚିବ ତଥା ମହାନିର୍ଦ୍ଦେଶକ ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ସ୍ପିଡ୍ ପୋଷ୍ଟ ବ୍ୟବସ୍ଥାରେ ଦ୍ରୁତ ସେବା ମିଳିବା ସହ ଅଧିକ ଟ୍ରାକିଂ ସୁବିଧା ଓ ପରିଚାଳନାଗତ ସାମର୍ଥ୍ୟ ରହିଛି। ୧୯୮୬ରୁ ଏହି ସେବା ଆରମ୍ଭ ହୋଇଛି।

### ବଦଳିବ ୧,୬୩୫ ରାଜସ୍ୱ...

କରାଯିବା ଜରୁରୀ। ସେହିପରି ରାଜସ୍ୱ ନିୟମ-୪୪ ଓ ୪୫ରେ ମଧ୍ୟ ଏହା ଉଲ୍ଲେଖ ହୋଇଛି ଯେ, ନୂତନ ରାଜସ୍ୱ ଗ୍ରାମର ସୀମା ପୁନଃ ନିର୍ଦ୍ଧାରଣ ବେଳେ ସ୍ୱତ୍ତ୍ୱାଧିକାର ପରିବର୍ତ୍ତନକୁ ଗୁରୁତ୍ୱ ଦେବାକୁ ହେବ। ନକ୍ସା ପ୍ରସ୍ତୁତ ବେଳେ ଯେପରି ଏହା ମିଶି ନ ଯାଏ ତାକୁ ଗୁରୁତ୍ୱ ଦେଇ ନକ୍ସା ପରିବର୍ତ୍ତନ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂମି ରେକର୍ଡ ପୂର୍ଣ୍ଣଭାବେ କମ୍ପ୍ୟୁଟରାଇଜ୍ ଓ ମାନଚିତ୍ରଗୁଡ଼ିକ ଡିଜିଟାଲାଇଜ୍ ହୋଇଯାଇଛି। ନକ୍ସା ପରିବର୍ତ୍ତନ ବେଳେ ଯଦି ସୂଚନା ପ୍ରଯୁକ୍ତି ବିଦ୍ୟା ଠିକଣା ଭାବେ ପ୍ରୟୋଗ କରାଯିବ ତେବେ ରାଜସ୍ୱ ଗ୍ରାମ ସୀମା ନକ୍ସା ଅପେକ୍ଷାକୃତ କମ୍ ସମୟ ଓ ପ୍ରୟାସରେ ସମ୍ପାଦନ ହୋଇପାରିବ, ଯାହା ଅଧିକ ନିଖୁଣତା ଓ ସ୍ପଷ୍ଟତା ରହିବ। ନୂତନ ରାଜସ୍ୱ ଗ୍ରାମର ସୀମା ଓ ନକ୍ସା ପ୍ରସ୍ତୁତ ବେଳେ ଯେଉଁଳି ସ୍ପଷ୍ଟତା ରହିବ ତାକୁ ଗୁରୁତ୍ୱ ଦେବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏସ୍‌ଓପି ଅନୁଯାୟୀ, ସଂପୃକ୍ତ ତହସିଲ୍ କାର୍ଯ୍ୟାଳୟରେ ଗୋଟିଏ ଲେଖାଏ ସୀମା ପରିବର୍ତ୍ତନ ବିବରଣୀ(ବିସିପି) ପ୍ରକୋଷ୍ଠ ଖୋଲାଯିବ। ଏହି ପ୍ରକୋଷ୍ଠ ସମସ୍ତ ପ୍ରକାର ରେକର୍ଡ ସଂଶୋଧନ, ନକ୍ସା ପ୍ରସ୍ତୁତି, ସୀମା ନିର୍ଦ୍ଧାରଣ କାର୍ଯ୍ୟ କରିବ। ସଂପୃକ୍ତ ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର ଜଣେ ବରିଷ୍ଠ ଅମିନ, ରାଜସ୍ୱ ନିରୀକ୍ଷକ ଓ ଜଣେ ସୁପରଭାଇଜରଙ୍କୁ ନେଇ ଏ ସମସ୍ତ କାର୍ଯ୍ୟ କରିବେ। ଏହାସହ ଖାତା ଓ ପ୍ଲଟ୍ ନମ୍ବର ପରିବର୍ତ୍ତନ ସାବଧାନତାର ସହ କରିବାକୁ ବିଭାଗ ପକ୍ଷରୁ ଏସ୍‌ଓପିରେ ପରାମର୍ଶ ଦିଆଯାଇଛି।

### ସତ୍ୟପାଲ ମଲିକଙ୍କ...

ଚୌଧୁରୀ ଚରଣ ସିଂଙ୍କ ଭାରତୀୟ କ୍ରାନ୍ତି ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସଭା ସଦସ୍ୟ ରହିବା ସହ ପରେ ଆଲିଗଡ଼ରୁ ଜନତା ଦଳ ପ୍ରାର୍ଥୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଦଳ ବଦଳାଇ କଂଗ୍ରେସ, ଲୋକଦଳ ଏବଂ ସମାଜବାଦୀ ପାର୍ଟିରେ ସାମିଲ ହୋଇଥିଲେ। ୨୦୧୭ରେ ସତ୍ୟପାଲ ବିହାର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ଓ ୨୦୧୮ ମାର୍ଚ୍ଚ ୨୧ରୁ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ସେହି ମାସରେ ତାଙ୍କୁ ଜମ୍ମୁ-କଶ୍ମୀର ରାଜ୍ୟର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ଏବଂ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ଓ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ବେଳେ ସତ୍ୟପାଲ ରାଜ୍ୟପାଳ ରହିଥିଲେ। ପରେ ସେ ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ଗତ ୨ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ସରକାରଙ୍କୁ ସମାଲୋଚନା କରି ସେ ଚର୍ଚ୍ଚାରେ ରହିଥିଲେ। ବିବାଦୀୟ କୃଷି ଆଇନକୁ ବିରୋଧ କରି ସେ କୃଷକମାନଙ୍କୁ ସମର୍ଥନ କରିବାରୁ ୨୦୨୦-୨୧ରୁ ଭାଜପା ସରକାରଙ୍କ ସହ ତାଙ୍କର ମତାନ୍ତର ଆରମ୍ଭ ହୋଇଥିଲା। ୨୦୨୩ରେ ଏକ ସାକ୍ଷାତ୍‌କାରରେ ପୁଲଓ୍ୱାମା ଆକ୍ରମଣ ସୁରକ୍ଷାଗତ ତ୍ରୁଟିରୁ ଘଟିଥିଲା ବୋଲି ଅଭିଯୋଗ କରିଥିଲେ। ସେତେବେଳେ ତାଙ୍କୁ ନୀରବ ରହିବାକୁ କେନ୍ଦ୍ର କହିଥିଲା। ସିଆର୍‌ପିଏଫ ଏୟାରଲିଫ୍ଟ ପାଇଁ ଅନୁରୋଧ କରିଥିବାବେଳେ ଏହାକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସଡ଼କ ପଥରେ ଆସି ସେମାନେ ଆତଙ୍କବାଦୀଙ୍କ ଟାର୍ଗେଟର ଶିକାର ହେଲେ ବୋଲି ସତ୍ୟପାଲ କହିଥିଲେ। କେନ୍ଦ୍ରକୁ ସମାଲୋଚନା ସତ୍ୟପାଲଙ୍କୁ ବିରୋଧୀ କ୍ୟାମ୍ପ୍ ନିକଟତର କରିଥିଲା। ବର୍ତ୍ତମାନ ଲୋକ ସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ଗତ ମେ' ମାସରେ ହସ୍ପିଟାଲ ଯାଇ ସତ୍ୟପାଲଙ୍କୁ ଭେଟିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୋଣଭାବସ୍ଥ କେତୁ ପ୍ରଭାବରୁ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବହୁତ ଦିନହେଲା ଦେଖି ନ ଥିବା ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗ ନୂତନ କାମ, ବ୍ୟବସାୟ, ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ।

**ବୃଷ**
ଧନଭାବସ୍ଥ ଗୁରୁ ଓ ଶୁକ୍ର ଯୋଗୁ ମନ ଯେମିତି ଉଚ୍ଚ କାମ ମଧ୍ୟ ତଦନୁରୂପ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବିବାଦୀୟ ଘଟଣାର ସମାଧାନ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନାଦି କ୍ଷେତ୍ରରୁ ଲାଭବାନ ହେବେ। ଅସମର୍ଥିତ ସୂତ୍ରରୁ ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଶନିଙ୍କ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କୌଣସି ପ୍ରତିକାର କରିପାରିବେ ନାହିଁ। ସରକାରୀ ସ୍ତରରୁ କିମ୍ବା କମ୍ପାନୀ ସମ୍ବନ୍ଧୀୟ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**କର୍କଟ**
ଧନାକ୍ଷଧିପ ରାଶିରେ ଥିବାରୁ ଯାହା ପାଇବା ପାଇଁ ଆଶା କରିଥିଲେ ତାହା ଆକସ୍ମିକ ଭାବରେ ପ୍ରାପ୍ତ ହେବ।ସାମୂହିକ କାର୍ଯ୍ୟ କ୍ଷେତ୍ରରେ ନୂତନ ବନ୍ଧୁସମ୍ପର୍କ ସୃଷ୍ଟିହେବାର ସୂଚନା ରହିଛି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ**
ମୁଖଭାବରେ ମଙ୍ଗଳ ଅବସ୍ଥାନ କରିଥିବାରୁ ଆପଣଙ୍କ କଠୋର ବାକ୍ୟାଳାପରୁ ବନ୍ଧୁ ଦୁଃଖ ପ୍ରକାଶ କରିବେ। ଅତୀତର ବିବାଦୀୟ ଘଟଣାରେ ଆଶଙ୍କା କ୍ରମଶଃ ଦୂରେଇଯିବାର ସମ୍ଭାବନା ରହିଛି। ଅତି ଭଲ ସମ୍ପର୍କ ରହିଥିବା ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କନ୍ୟା**
ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। କିନ୍ତୁ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ଗ୍ରହଣ କରିବା ଠିକ୍ ହେବନାହିଁ। ପୂର୍ବ ପ୍ରତିକ୍ରିୟା ନ ଥାଇ ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ତୁଳା**
ରାହୁ କୋଣଭାବରେ ଥିବାରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମରେ ପ୍ରତିବନ୍ଧକ ସୃଷ୍ଟିକରିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମସ୍ୟା ସୃଷ୍ଟି କରିପାରନ୍ତି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବିତ କରାଇପାରେ।

**ବିଛା**
ଭାଗ୍ୟାଧିପତି ଧନଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପାଇବେ। ମନକୁ ପାଇଲା ଭଳି କଥାମାନ କହି ପାରିବାରିକ ସମସ୍ୟାର ସମାଧାନ କରିବେ। ମୂଲ୍ୟବାନ ଦ୍ରବ୍ୟ ପାଇବା ସହ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ ହେବେ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ**
କର୍ମକ୍ଷେତ୍ରରେ ମଙ୍ଗଳ ଥିବାରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବ୍ୟବସାୟ, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରର ସମସ୍ୟା ସମାଧାନ ହେବ। ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ କିମ୍ବା ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର**
ଚତୁର୍ଥାଧିପତି ଭାଗ୍ୟସ୍ଥ ଯୋଗୁ ସାହସିକ ପଦକ୍ଷେପ ନେଇ ଗୁରୁତ୍ୱପୂର୍ଣ୍ଣ କାମକୁ ସମ୍ପନ୍ନ କରିବେ। କିନ୍ତୁ ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ଦିଗରେ ଦୃଢ଼ ପଦକ୍ଷେପ ନେବେ। ସାମାଜିକ କାମରେ ସମର୍ଥକଙ୍କୁ ନିଜ ଆଡ଼କୁ ଆଣିବାରେ ସକ୍ଷମ ହେବେ।

**କୁମ୍ଭ**
ଅନୁକୂଳ ଗ୍ରହସ୍ଥିତିରୁ ଅନ୍ୟମାନଙ୍କ ସ୍ଥଗିତ କାମକୁ ଆଗକୁ ବଢ଼ାଇ ନେବାରେ ଆପଣଙ୍କ ଭୂମିକା ସର୍ବାଗ୍ରେ ରହିବ। ନିଜ କାମଗୁଡ଼ିକ ପାଇଁ ଦୁଶ୍ଚିନ୍ତାର ମାତ୍ରା କମିବ ନାହିଁ। ଅଫିସ୍ କାମରେ ବାଦବିବାଦ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ**
ଶନି ପ୍ରଭାବରେ ସହକର୍ମୀଙ୍କ ସହ ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ବାରମ୍ବାର ଚେଷ୍ଟା କରି ମଧ୍ୟ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ବାଣିଜ୍ୟ, ଯାତ୍ରା, ସଭାସମିତି ମନ ଅନୁଯାୟୀ କରିପାରିବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୬ ତାରିଖ, ହିରୋସୀମା ଦିବସ, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୨.୫୮ମି. ପର୍ଯ୍ୟନ୍ତ ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁ କାଳ।

# ନୀହାର, ଜିତନଙ୍କ ଆର୍ଥିକ କାରବାର ଯାଞ୍ଚ

କଟକ,୫।୮(କାର୍ତ୍ତିକ ସାହୁ)

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**
- ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା
- ପ୍ରଧାନଶିକ୍ଷକ ପ୍ରଶାନ୍ତ ଖମାରି ନିଲମ୍ବିତ
- ଅନ୍ୟମାନଙ୍କ ସମ୍ପୃକ୍ତିକୁ କ୍ରାଇମବ୍ରାଞ୍ଚର ତନାଘନା

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ତନାଘନା ଚଳାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ତାଙ୍କୁ ସହଯୋଗ କରିଥିବା ଅଧିକାରୀ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଆର୍ଥିକ କାରବାର ଉପରେ ମଙ୍ଗଳବାର ଯାଞ୍ଚ ଆରମ୍ଭ ହୋଇଛି। ଅପରପକ୍ଷରେ ପ୍ରଘଟ ପାଇଁ ଓଟିଇଟି ପ୍ରଶ୍ନପତ୍ରକୁ ହାତରେ ଲେଖିଥିବା କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଖମାରୀ ଗିରଫ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ସୂଚନାନୁସାରେ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରାଜ୍ୟର ବିଭିନ୍ନ ଜିଲାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି। ବୋର୍ଡ ଅଫିସଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରକୁ ଏହି କାରନାମାର ଚେର ଲମ୍ବିଛି। କ୍ରାଇମବ୍ରାଞ୍ଚ ତଦନ୍ତରୁ ଏସବୁ ଜଣାପଡ଼ିବା ପରେ ଅଦ୍ୟାବଧି ବୋର୍ଡ ଉପସଭାପତି, ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଶାଇ ମୋଟ ୮ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ବୋର୍ଡର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସନ୍ଦେହ ମଧ୍ୟରେ ରଖାଯାଇଛି। ତାଙ୍କ ବିରୋଧରେ ପ୍ରମାଣ ମିଳିଲେ ଗିରଫ କରାଯିବ। କ୍ରାଇମବ୍ରାଞ୍ଚ ମଙ୍ଗଳବାର ବୋର୍ଡ ଅଫିସର ସେହି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା କରିଛି। ବୋର୍ଡରେ ତାଙ୍କର କାର୍ଯ୍ୟାବଳୀ ସମେତ ପ୍ରଶ୍ନପତ୍ର ପ୍ରଘଟ ମାମଲା ଆଦି ଉପରେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ଉପସଭାପତି ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ମହାରଣାଙ୍କ ଆର୍ଥିକ କାରବାର ଯାଞ୍ଚ ପାଇଁ ସେମାନଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କକୁ ଚିଠି କରାଯିବା ପରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। କାହା ଆକାଉଣ୍ଟରୁ କେତେ ଟଙ୍କା କାରବାର ହୋଇଛି, ସେଗୁଡ଼ିକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। କେଉଁମାନେ ଟଙ୍କା କାରବାରରେ ସମ୍ପୃକ୍ତ ଅଛନ୍ତି ସେଗୁଡ଼ିକୁ ଅତ୍ୟନ୍ତ ଗୁରୁତର ସହ ତଦନ୍ତ କରାଯାଉଛି।


ନିଲମ୍ବିତ ପ୍ରଶାନ୍ତ ଖମାରି।

ବୋର୍ଡରେ ପ୍ରଶ୍ନପତ୍ର ଭାଇରାଲ ହେବା, ପରୀକ୍ଷା ବାତିଲ କରାଯିବା ପୂର୍ବରୁ ଅନେକ ବାର ହୋଇଛି। ମାତ୍ର ସେଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା କ୍ରାଇମବ୍ରାଞ୍ଚରେ କେବେ ଅଭିଯୋଗ କରାଯାଇନାହିଁ। ପ୍ରଥମ ଥର ପାଇଁ କ୍ରାଇମବ୍ରାଞ୍ଚକୁ ଏହି ମାମଲା ଆସିଛି। ପୂର୍ବରୁ ଏଭଳି ମାମଲା ରୁଜୁ ହୋଇଥିଲେ ଆଜି ଏହି ଘଟଣା ଘଟି ନ ଥାନ୍ତା ବୋଲି କ୍ରାଇମବ୍ରାଞ୍ଚ ଡିଜି ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ କହିଥିଲେ। ବୋର୍ଡର କେତେକ ଉଲ୍ଲେଖନୀୟ ପରୀକ୍ଷା ବିଭ୍ରାଟର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୨୦୧୬ରେ ଓଟିଇଟି ଅନିୟମିତତା କଥା ଉଠିଥାଏ। ସେହିପରି ୨୦୧୮ରେ ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ, ୨୦୧୯ରେ ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ପରେ ପୁଣି ୨୦୨୨ରେ ବି ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା, ଯଦ୍ୱାରା ସେହି ପରୀକ୍ଷାଗୁଡ଼ିକୁ ବାତିଲ କରାଯାଇଥିଲା। ସେତେବେଳର ସରକାରୀ କଳ କେବଳ ଇଣ୍ଟରନାଲ ଇନ୍‌କ୍ୱାରି କରିଦେଇ ମାମଲାକୁ ସେଠି ଶେଷ କରିଦେଇଥିଲେ। ପରୀକ୍ଷା ଅନିୟମିତତା ଅଥବା ବିଭ୍ରାଟର ମୂଳ କାରଣ ସମ୍ପର୍କରେ ଗଭୀରକୁ ଯାଇ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ସେତେବେଳେ କ୍ରାଇମବ୍ରାଞ୍ଚକୁ ମାମଲା ଯାଇଥିଲେ କେତେ କ'ଣ ଗୁମର ଫିଟି ପାରିଥାନ୍ତା। ସେତେବେଳେ କ୍ରମାଗତ ଭାବେ ଏଭଳି ପରୀକ୍ଷା ବିଭ୍ରାଟ ଘଟିଚାଲିଥିଲେ ବି ସରକାର କ୍ରାଇମବ୍ରାଞ୍ଚଠାରୁ କାହିଁକି ସେସବୁକୁ ଦୂରେଇ ରଖୁଥିଲେ, ତାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶୋଇଥିବା ୨ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଲେ ଦୁର୍ବୃତ୍ତ

ଖଲ୍ଲିକୋଟ,୫।୮ (ପ୍ରଶାନ୍ତ କୁମାର ମିଶ୍ର)

**ପୂର୍ବ ଶତ୍ରୁତା ସନ୍ଦେହ, ତଦନ୍ତ ଜାରି**

ଶୋଇଥିବା ଅବସ୍ଥାରେ କେତେ ଜଣ ଦୁର୍ବୃତ୍ତ ୨ ଜଣ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଇଛନ୍ତି। ଫଳରେ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ନୂଆ ଫାସୁଲା ଗ୍ରାମର ସିଲୁ ପାହାନ (୩୦) ଓ ତୁଳସୀପୁର ଗ୍ରାମର ରାଜେଶ ପଲେଇ (୨୮)। ଉଭୟଙ୍କୁ ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଟିଆ ସାହି ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡିଛି, ସିଲୁ ଓ ରାଜେଶ ମାଟିଆ ସାହି ଛକରେ ଏକାଠି ରୁହନ୍ତି। ସୋମବାର ଉଭୟେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ୩/୪ ଜଣ ଯୁବକ ପହଞ୍ଚି ଉଭୟଙ୍କ ତଣ୍ଟିରେ ଛୁରି ଭୁସି ଦେଇଥିଲେ। ଫଳରେ ସେମାନଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଖବର ପାଇ ଖଲ୍ଲିକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସିଲୁ ଓ ରାଜେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ତଣ୍ଟିରେ ଛୁରିର ଆଘାତ ଲାଗିଥିବା ଏବଂ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ତେବେ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୫।୮ (ସତ୍ୟଜିତ୍ ରାଉତ)

**ଅତିରିକ୍ତ ପୋଲିସ କମିଶନରଙ୍କ ବିରୋଧରେ ଅଭିଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ ସମୟରେ ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ବିକ୍ଷୋଭକାରୀଙ୍କ ଗୋଡ଼ ଭାଙ୍ଗିଦେବାକୁ ନିର୍ଦ୍ଦେଶ ଦେବା ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ଅଭିଯୋଗକୁ ଭିତ୍ତି କରି ପୋଲିସ ଡିଜିଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟ ଏହି ଘଟଣାର ଭାଇରାଲ ହୋଇଥିବା ଏକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସହ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଜୁନ ୩୦ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ଥିବା ବାରିକେଡ୍ ଅତିକ୍ରମ କଲେ ଗୋଡ଼ ଭାଙ୍ଗିଦେବାକୁ ପୋଲିସ ଫୋର୍ସକୁ ନରସିଂହ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହୋଇଥିଲା। ନରସିଂହଙ୍କ ଦ୍ୱାରା ଗମ୍ଭୀର ମାନବାଧିକାର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର କମିଶନ ଏନେଇ ଉପରୋକ୍ତ ନିର୍ଦ୍ଦେଶାନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ, ପୁରୀ ରଥଯାତ୍ରାରେ ଦଳଚକଟାରେ ଭକ୍ତଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଜୁନ ୨୯ରେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଏହି ସମୟରେ ମୁତୟନ ସୁରକ୍ଷାକର୍ମୀଙ୍କୁ ନରସିଂହ ଏଭଳି ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହୋଇଥିଲା।

# ବ୍ୟବସାୟୀଙ୍କ ୬ କୋଟି ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୫।୮(ସୁବାସ ଚନ୍ଦ୍ର ପାଢ଼ୀ)

**୪ ମୋବାଇଲ ଫୋନ, ପାସବୁକ ଜବତ**

ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ଚଞ୍ଚକତା କରି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ଯୁବକଙ୍କୁ ସାଇବର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଦିଗିପଡ଼ାର ଅନିଲ କୁମାର ମିଶ୍ର (୩୫)। ତାଙ୍କଠାରୁ ୪ଟି ମୋବାଇଲ ଫୋନ୍ ଓ ୪ଟି ବ୍ୟାଙ୍କ ପାସବୁକ ଜବତ ହୋଇଛି। ଅନିଲଙ୍କ ବିଭିନ୍ନ ଆକାଉଣ୍ଟକୁ ଫ୍ରିଜ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ମୟୂରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗ ମିଶ୍ରଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ଜଣେ ବନ୍ଧୁଙ୍କ ଜରିଆରେ ସେ କୋଦଳାର ଅନିଲଙ୍କ ସହ ପରିଚିତ ହୋଇଥିଲେ। ଅନୁରାଗଙ୍କୁ ଅନିଲ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଷୟରେ କହିଥିଲେ। ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ ବହୁ କୋଟି ଟଙ୍କାର କାମ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ କରିବାକୁ ଅନିଲ ବୁଝାଇବା ସହ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଅନୁରାଗ ଏଥିରେ ରାଜି ହୋଇଗଲେ। ସେ ୨୦୨୪ ଏପ୍ରିଲ ୨୯ ତାରିଖରେ ପ୍ରଥମେ ୨ ଲକ୍ଷ ଟଙ୍କା ଅନିଲଙ୍କ ଦ୍ୱାରା ନିବେଶ କରି ସାଙ୍ଗେ ସାଙ୍ଗେ ୨ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ। ପରେ ବର୍ଷକ ଭିତରେ ସେ ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ଜମା କରିଥିଲେ। ହେଲେ ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ ହୋଇଥିବା କହି ଅନିଲ ପ୍ରାୟ ୩ କୋଟି ଟଙ୍କା ବିଭିନ୍ନ ସମୟରେ ଅନୁରାଗଙ୍କୁ ଫେରସ୍ତ କରିଥିଲେ। ଗତ ଏପ୍ରିଲ ପରଠାରୁ ଅନୁରାଗ ନିଜର ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ପାଇ ନ ଥିଲେ। ଏ ନେଇ ସେ ବାରମ୍ବାର ଅନିଲଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇ ନ ଥିବା ଅନୁରାଗ ଜାଣିପାରିଥିଲେ। ଅନିଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ସାଇବର ଅପରାଧ ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅନିଲଙ୍କୁ ବାନ୍ଧିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଅନିଲ କୁମାର ମିଶ୍ର

# ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତିଙ୍କୁ ମାଡ଼

ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)

**ନିର୍ଦ୍ଦେଶକଙ୍କ ନାଁରେ ମାମଲା**

ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ସନ୍ଦୀପ କୁମାର ମିଞ୍ଜ(୪୩)ଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ମିଞ୍ଜ ଝାରସୁଗୁଡ଼ା ବିମାନ ବନ୍ଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ତଥା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ମିଞ୍ଜ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିର୍ଦ୍ଦେଶକ ତିୱାରୀଙ୍କ କାର୍ଯ୍ୟାଳୟକୁ ଏକୁଟିଆ ଆଲୋଚନା ପାଇଁ ଯାଇଥିଲେ। ସେଠାରେ ସେ ଦାବି ଉପସ୍ଥାପନ କରିବାବେଳେ ତିୱାରୀ ହଠାତ୍ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ମିଞ୍ଜଙ୍କ ଦାନ୍ତ ଭାଙ୍ଗି ଯାଇଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗାଳିଗୁଲଜ ଓ ମାରପିଟ୍ ସମୟରେ ବିମାନ ବନ୍ଦର କର୍ମଚାରୀ ବିମଳ ମହାକୁର ଏବଂ ଶୁଭମ୍ ସାହୁ ଉପସ୍ଥିତ ଥିବା ମିଞ୍ଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନା ଅଧିକାରୀ ହେମାଙ୍ଗିନୀ ଗରଡିଆ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଅପରପକ୍ଷେ ବିମାନ ବନ୍ଦର ନିର୍ଦ୍ଦେଶକ ତିୱାରୀ କହିଛନ୍ତି, ମିଞ୍ଜଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନାକୁ ନେଇ ଯୁକ୍ତିତର୍କ ଏବଂ କଥା କଟାକଟି ହେବା ସତ। ହେଲେ ତାଙ୍କୁ ମାଡ଼ ମାରିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ଧୋଡ୍ରା/ଝରିଗାଁ, ୫।୮ (ଗଣେଶ ଚନ୍ଦ୍ର ଛତ୍ର/କିଶୋରା ଚନ୍ଦ୍ର ମଣ୍ଡଳ)

**ଘର ଭିତରେ ସ୍ତ୍ରୀ, ତେନ୍ତୁଳିଗଛରେ ସ୍ୱାମୀ**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଧୋଡ୍ରା ପଞ୍ଚାୟତ ସାନ୍‌ଭୀମାଗୁଡ଼ା ଗ୍ରାମରେ ମଙ୍ଗଳବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ଶୋଇବା କୋଠରିରୁ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଓ ଘର ପାଖ ତେନ୍ତୁଳିଗଛରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ସାନ୍‌ଭୀମାଗୁଡ଼ା ଗ୍ରାମର ସୂତମ ଭତରା (୩୨) ଓ ତାଙ୍କ ସ୍ତ୍ରୀ ଫୁଲମଣି ଭତରା (୨୭)।

ସୂଚନାନୁଯାୟୀ, ସୂତମ ଓ ଫୁଲମଣୀ ଗତ ୧୦ ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରିଥିଲେ। ଉଭୟଙ୍କର କୌଣସି ସନ୍ତାନ ନ ଥିଲେ। ତେବେ ସୋମବାର ରାତିରେ ସୂତମ ଓ ଫୁଲମଣୀ ଖାଇପିଇ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳୁ ସେମାନଙ୍କ ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ କବାଟ ଖୋଲି ରୁମ୍ ଭିତରେ ପଶିଥିଲେ। ଘର ଭିତରେ ଥିବା ଏକ ଲୁହା ପାଇପରେ ଫୁଲମଣିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ପରିବାର ଲୋକେ ଦେଖିଥିଲେ। ସେଠାରେ କିନ୍ତୁ ସୂତମ ନ ଥିଲେ। ତେଣୁ ବ୍ୟସ୍ତ ହୋଇ ସେମାନେ ବାହାରେ ଖୋଜାଖୋଜି କରିଥିଲେ। ଘରଠାରୁ ଅଳ୍ପ ଦୂର ଆଇଟିଡିଏ କଲୋନି ଭିତରେ ଏକ ତେନ୍ତୁଳିଗଛରୁ ସୂତମଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଏ ନେଇ ସୂତମଙ୍କ ବଡ଼ଭାଇ ମଙ୍ଗଲୁ ଭତରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଝରିଗାଁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଅଛି। ପୋଲିସ କେସ୍ ନମ୍ବର ୬୦/୨୫ ଏବଂ ୬୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ୨୫୦ ସାଇଲେନ୍ସର ଉପରେ ରୋଲର ଚଢ଼ାଇଲା ପୋଲିସ

**ଶବ୍ଦ ପ୍ରଦୂଷଣ ରୋକିବାକୁ ପଦକ୍ଷେପ**

ଭଦ୍ରକ,୫।୮(ସନାତନ ରାଉତ)

ଭଦ୍ରକ ସହରରେ ବିକଟାଳ ଶବ୍ଦ କରୁଥିବା ବାଇକ୍ ସାଇଲେନ୍ସରଗୁଡ଼ିକୁ ଟାଉନ ପୋଲିସ ଜବତ କରି ମଙ୍ଗଳବାର ସେସବୁକୁ ନଷ୍ଟ କରିଛି। ଟାଉନ ଥାନା ପରିସରରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସାଇଲେନ୍ସର ଉପରେ ପୋଲିସ ରୋଲର ଚଢ଼ାଇଛି। ସୂଚନା ଅନୁଯାୟୀ, ଶବ୍ଦ ପ୍ରଦୂଷଣ ରୋକିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ପଦକ୍ଷେପ ସ୍ୱରୁପ ଗତ ୧ ମାସ ଧରି ସହରର ବିଭିନ୍ନ ଛକରେ ଧରପଗଡ଼ କରିଥିଲା। ବିକଟାଳ ଶବ୍ଦ କରି ଯାଉଥିବା ବାଇକ୍‌ଗୁଡ଼ିକୁ ପୋଲିସ ଅଟକାଇ ଥାନାକୁ ନେଇ ସାଇଲେନ୍ସର ଖୋଲି ଦେଇଥିଲା। ମାସକ ମଧ୍ୟରେ ଜବତ କରାଯାଇଥିବା ସବୁ ସାଇଲେନ୍ସରକୁ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ଏନେଇ ଥାନାଧିକାରୀ ମିଶ୍ର କହିଛନ୍ତି, ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଯୋଗୁ ଶବ୍ଦ ପ୍ରଦୂଷଣ ହେଉଛି। ଏହି ସାଇଲେନ୍ସର ଲାଗିଥିବା ବାଇକ୍ ଚାଳକଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ସହ ଗାଡ଼ିରୁ ସାଇଲେନ୍ସର ଖୋଲାଯାଇଥିଲା। ଏହି ଧରପଗଡ଼ ଆଗକୁ ଜାରି ରହିବା ସହ ବାଇକ୍ ଚଲାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଚାଳକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାବ୍ୟତୀତ ଯେଉଁ ଦୋକାନରେ ଏହି ସାଇଲେନ୍ସର ବିକ୍ରି କରାଯାଉଛି, ସେଠାରେ ମଧ୍ୟ ଚଢ଼ାଉ କରାଯାଇ ସେଗୁଡ଼ିକୁ ଜବତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଭଦ୍ରକ ଟାଉନ ଥାନା ପରିସରରେ ଜବତ ସାଇଲେନ୍ସରଗୁଡ଼ିକୁ ରୋଲର ଚଢ଼ାଇ ନଷ୍ଟ କରାଯାଉଛି।

## ରାଜ୍ୟ ଖବର

# ସହକାରୀ ଶିକ୍ଷକ ନିଲମ୍ବିତ, ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ

ଡାବୁଗାଁ, ୫।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଶ୍ରେଣୀଗୃହରେ ଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଶିକ୍ଷକ ଗାଳିକରିବା ଘଟଣା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ବୋରିଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପଢ଼ାଇବା ବେଳେ ଶିକ୍ଷକ ମଥୁରାନନ୍ଦ ରାଉତ ଛାତ୍ରୀଙ୍କୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ସୋମବାର ତାଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ବିଭାଗ ଏହି ଘଟଣାରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରିଛି। ସୂଚନାନୁଯାୟୀ, ସହକାରୀ ଶିକ୍ଷକ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନେଇ ୨୬ ତାରିଖରେ ଛାତ୍ରୀମାନେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଜଣାଇଥିଲେ। ଡିଇଓ ଏକ ୬ ଜଣିଆ ତଦନ୍ତ କମିଟି ଗଠନକରି ସ୍କୁଲକୁ ଯାଞ୍ଚ ପାଇଁ ପଠାଇଥିଲେ। ୨୭ ତାରିଖରେ ତଦନ୍ତ କମିଟି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ କମିଟି ଏକ ରିପୋର୍ଟ ଡିଇଓ ଛତ୍ରପତି ସାହୁଙ୍କୁ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଅନୁସାରେ ଜିଲା ଶିକ୍ଷା ବିଭାଗ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୯୮୮/୪.୮.୨୫ ଅନୁସାରେ ସହକାରୀ ଶିକ୍ଷକ ମଥୁରାନନ୍ଦ ରାଉତଙ୍କୁ ନିଲମ୍ବନ କରାଯାଇଛି। ତାଙ୍କୁ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଶବ ଗୌଡ଼ଙ୍କର ଦରମା ବନ୍ଦ କରାଯାଇ ଥିବା ଡିଇଓ ଛତ୍ରପତି ସାହୁ ସୂଚନା ଦେଇଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଫୁଲବାଣୀ ଶାଖା (୦୦୧୫୪)
ମେନ୍ ରୋଡ୍, ସା/ପୋ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୦୮.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୬.୦୯.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ସରୋଜ ଦାଶ, ପିତା: ଶ୍ରୀ ଅନ୍ତର୍ଯ୍ୟାମୀ ଦାଶ, ସା: କେନ୍ଦୁପଦର, ପୋ/ଥାନା: ଫୁଲବାଣୀ ଟାଉନ୍, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧ / ଆକାଉଣ୍ଟ ନଂ.: ୩୬୦୦୪୫୪୭୪୭୫ (ନଗଦ ଋଣ), ୩୮୦୪୩୨୦୫୯୮୪ (ମିଆଦୀ ଋଣ), ୩୬୦୦୫୫୬୪୦୦୨ (ମିଆଦୀ ଋଣ) | ଶ୍ରୀ ସରୋଜ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କେନ୍ଦୁପଦର, ଖାତା ନଂ.: ୫୬/୪୯୪ (ପୁରୁଣା), ୮୦ (ନୂଆ), ପ୍ଲଟ୍ ନଂ.: ୮୪/୩୧୮ (ପୁରୁଣା), ୫୯୪ (ନୂଆ), କ୍ଷେତ୍ର: ଏକର୦.୦୧୪ ଡିସିମିଲି, କିସମ: ଘରବାରି, ଥାନା: ଫୁଲବାଣୀ ଟାଉନ୍, ତହସିଲ/ଏସ୍ଆରଓ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: କୁମୁଦ ଚନ୍ଦ୍ର ମିଶ୍ର, ଦକ୍ଷିଣ: ପ୍ଲଟ୍ ନଂ. ୨୯୭ | ୦୪.୦୮.୨୦୨୫ ସୁଦ୍ଧା ଟ.୧୮,୦୭,୪୬୦.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୭.୦୭.୨୦୨୩ | ଟ.୨୫,୨୦,୦୦୦/- / ଟ.୨,୫୨,୦୦୦/- / ଟ.୫୦,୦୦୦/- |

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ସମୀର ବେହେରା, ମୋ.: ୯୮୬୧୧୨୭୪୧୭ ଏବଂ ଗିରିରାଜ ବାହୁୱାଲା, ମୋ.: ୯୫୮୩୯୮୦୦୦୧

ତାରିଖ: ୦୫.୦୮.୨୦୨୫
ସ୍ଥାନ: ଫୁଲବାଣୀ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ସମୟସୀମା ବୃଦ୍ଧି

**୨ ଟ୍ରେନ୍ ବାତିଲ**

ଭୁବନେଶ୍ୱର,୫।୮(ଅନୁରାଧା ମହାରଣା)

ଯାତ୍ରୀମାନଙ୍କୁ ନିରନ୍ତର ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ୱତନ୍ତ୍ର ଟ୍ରେନର ସମୟସୀମା ବୃଦ୍ଧି କରାଯାଇଛି। ଏଥିସହ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣାରୁ ସେପ୍ଟେମ୍ବର୨୪ ପର୍ଯ୍ୟନ୍ତ ଏବଂ ତିରୁପତିରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ୦୮୫୭୯/୦୮୫୮୦ ବିଶାଖାପାଟଣା- ଚରଲାପାଲି- ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଏବଂ ଚରଲାପାଲିରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଛି। ୦୯୦୫୯/୦୯୦୬୦ ଉଧନା-ଖୋର୍ଦ୍ଧାରୋଡ-ଉଧନା ସ୍ୱତନ୍ତ୍ର ଟ୍ରେନ ଉଧନାରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡରୁ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ଅନ୍ୟପଟେ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋଟ୍ଟାଭାଲସା- ପେନ୍ଦୁର୍ତ୍ତି ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ଅଗଷ୍ଟ ୬ରୁ ୯ ପର୍ଯ୍ୟନ୍ତ ୨ଟି ଟ୍ରେନ ବାତିଲ କରାଯାଇଛି। ବିଶାଖାପାଟଣାରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ଅଗଷ୍ଟ ୬ରୁ ୮ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିପରି ବ୍ରହ୍ମପୁରରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୫ ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ୍ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ ବାତିଲ କରାଯାଇଛି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। –ଶ୍ରୀଅରବିନ୍ଦ



# ପୁଣି କିଛି ଶିଖୁନାହାନ୍ତି

ଉତ୍ତରାଖଣ୍ଡର ଧରାଲିଠାରେ ୫ ଅଗଷ୍ଟରେ ବାଦଲଫଟା ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ କୁହାଯାଉଥିବା ବେଳେ ୧୦୦ରୁ ଅଧିକ ଗ୍ରାମବାସୀ ଓ ପର୍ଯ୍ୟଟକ ନିଖୋଜ ଅଛନ୍ତି ଏବଂ ଅସଂଖ୍ୟ ଘର ଭାସିଯାଇଛି। ଏହାର କରାଳତାର ଭିଡିଓ ଦୃଶ୍ୟରୁ ସବୁ ଅନୁମାନଯୋଗ୍ୟ ଯେ, ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିବ। ଯେଉଁଭଳି ଭାବେ ବର୍ଷାର ପ୍ରଖରତା ଦେଖିବାକୁ ମିଳିଛି ଓ ଘରଗୁଡ଼ିକ ଫୁଟବଲ ଭଳି ଓଲଟି ପଡୁଛନ୍ତି, ତାହା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ନୂଆକରି ସୃଷ୍ଟି ହୋଇଥିବା ଚାରିଧାମର ଅନ୍ୟତମ ଆଧ୍ୟାତ୍ମିକ କେନ୍ଦ୍ର ଗଙ୍ଗୋତ୍ରୀ ଯିବା ଲାଗି ଧରାଲି ମୁଖ୍ୟ ରହଣିସ୍ଥଳ ହୋଇଥିବାରୁ ସେଠାରେ ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟ ଅଛି। ସେଗୁଡ଼ିକ ଉପରେ ବନ୍ୟା ଜଳ ମାଡ଼ିଯିବା ଯୋଗୁ କ୍ଷୟକ୍ଷତି ନିଶ୍ଚିତ ଭାବେ ବଢ଼ିବା ଆଶଙ୍କା ସୃଷ୍ଟି କରିଛି। ଏଠାରେ ମନେପଡ଼େ ୨୦୧୩ ଜୁନ୍‌ରେ ସେହି ଉତ୍ତରାଖଣ୍ଡର କେଦାରନାଥରେ ବାଦଲଫଟା ବର୍ଷାଜନିତ ବନ୍ୟା ଯୋଗୁ ୬,୦୦୦ ଲୋକଙ୍କ ଜୀବନଯିବା ଘଟଣା। ପ୍ରାକୃତିକ ପରିବେଶକୁ ମଣିଷ ଧ୍ୱଂସ କରି ଗଢୁଥିବା ବିକାଶମୂଳକ କାର୍ଯ୍ୟର ପରିଣତି କେତେ ଭୟାବହ ହୋଇପାରେ ତାହା ସେତେବେଳେ ଥିଲା ସତର୍କଘଣ୍ଟି । ହେଲେ ମଣିଷ ସେଥିରୁ କିଛି ନ ଶିଖି ସେହିଭଳି ଉତ୍ପାତିଆ ଢଙ୍ଗରେ ପରିବେଶ ଉପରେ ଆକ୍ରମଣ ଜାରି ରଖିବାର ଉପରଲିଖିତ ଘଟଣା ସୂଚାଉଛି। ରାସ୍ତାଠାରୁ ଆରମ୍ଭ କରି ନଦୀ ଓ ତଟବର୍ତ୍ତୀ ଅଞ୍ଚଳରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବା ଯୋଗୁ ପରିବେଶଗତ ଭାରସାମ୍ୟ ଦୋହଲି ଯାଇଛି। ତାହାର ସିଧାସଳଖ ପ୍ରଭାବ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି। ନିକଟରେ ଏକ ତଥ୍ୟରୁ ଜଣାପଡ଼ିଛି ଯେ, ହିମାଚଳ ପ୍ରଦେଶରେ ଭୂସ୍ଖଳନ, ହଠାତ୍ ବନ୍ୟା ଓ ରାସ୍ତା ଧୋଇଯିବା ଯୋଗୁ ଚଳିତବର୍ଷ ଜୁନ୍ ପରଠାରୁ ଏବେ ସୁଦ୍ଧା ୧୯୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ଉତ୍ତରାଖଣ୍ଡରେ ଜୁନ୍ ପରଠାରୁ ୬୫ରୁ ଅଧିକ ଲୋକଙ୍କର ସମାନ ପ୍ରକାର ଅଘଟଣ ଯୋଗୁ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷା ଋତୁରେ ଘଟିଥିବା ମୃତ୍ୟୁ ସଂଖ୍ୟାକୁ ହିସାବ କଲେ ତାହା ଦୁଇଗୁଣ ଅଧିକ।

**ସର୍ବୋଚ୍ଚ ଅଦାଲତଙ୍କ ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝି ହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।**

ଏଭଳି ପରିପ୍ରେକ୍ଷୀରେ ହିମାଚଳ ପ୍ରଦେଶର ଅନିୟନ୍ତ୍ରିତ ବିକାଶ ଯୋଗୁ ଘଟୁଥିବା ପରିବେଶଗତ ଭାରସାମ୍ୟର ଦ୍ରୁତ ଅଧୋଗତିକୁ ଲକ୍ଷ୍ୟ କରି ୨ ଅଗଷ୍ଟରେ ସୁପ୍ରିମକୋର୍ଟ କହିଥିଲେ, ଯଦି ଏହାକୁ ଭବିଷ୍ୟତରେ ରୋକା ନ ଯାଏ ତେବେ ଭାରତ ମାନଚିତ୍ରରୁ ଏହି ରାଜ୍ୟ ନିଶ୍ଚିହ୍ନ ହୋଇଯିବ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ବଦଳରେ ସ୍ଥାୟୀ ପରିସଂସ୍ଥାନଗତ ସୁରକ୍ଷାକୁ ଅଗ୍ରପ୍ରାଧାନ୍ୟ ଦେବା ଦରକାର। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝିହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଅଗଷ୍ଟ ୧୯୭୬**

- ରାଜ୍ୟର ବୟୋଜ୍ୟେଷ୍ଠ ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ସତ୍ୟବାଦୀ ତ୍ରିପାଠୀଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଅଲିମ୍ପିଆଡରେ ଦକ୍ଷିଣ ଆଫ୍ରିକା ଯୋଗ ଦେଉଥିବାରୁ ତା'ର ପ୍ରତିବାଦ କରି ଭାରତ ସମେତ କେତେକ ରାଷ୍ଟ୍ର ଏଥିରୁ ଓହରି ଆସିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 3 | | | | | |
| | | | 5 | | 4 | | | |
| | 3 | 6 | | 2 | 8 | | | |
| | | | | | | | 5 | |
| | | | 4 | | | 6 | | |
| | | 2 | | 9 | 1 | | | 7 |
| 8 | 9 | | | | 5 | | | |
| | 1 | | | 4 | | | 9 | |
| | 7 | 5 | 2 | 8 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 7 | 1 | 4 | 9 | 8 | 3 |
| 4 | 9 | 3 | 5 | 2 | 8 | 6 | 7 | 1 |
| 7 | 1 | 8 | 9 | 3 | 6 | 4 | 5 | 2 |
| 9 | 2 | 6 | 4 | 7 | 3 | 5 | 1 | 8 |
| 1 | 7 | 5 | 8 | 9 | 2 | 3 | 6 | 4 |
| 8 | 3 | 4 | 1 | 6 | 5 | 2 | 9 | 7 |
| 3 | 4 | 7 | 6 | 5 | 1 | 8 | 2 | 9 |
| 2 | 5 | 9 | 3 | 8 | 7 | 1 | 4 | 6 |
| 6 | 8 | 1 | 2 | 4 | 9 | 7 | 3 | 5 |

ଗତକାଲିର ଉତ୍ତର

# ଜର୍ଜଟାଉନ ସମ୍ମିଳନୀର ବାର୍ତ୍ତା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଆଫ୍ରିକୀୟ ରାଷ୍ଟ୍ର ଗୁୟାନାର ଜର୍ଜଟାଉନରେ ସମ୍ପ୍ରତି ଜୁଲାଇରେ ଦୁଇଦିନ ଧରି ଅନୁଷ୍ଠିତ 'ବିଶ୍ୱ ଜୈବବିବିଧତା ମିଳିତମଞ୍ଚ ସମ୍ମିଳନୀ'ର ପ୍ରାରମ୍ଭରେ 'ବିଶ୍ୱ ଜୈବବିବିଧତା ମଞ୍ଚ' (ଜିବିଏ) ସ୍ଥାପନର ଶୁଭାରମ୍ଭ ଘଟିଛି। ଏହି ଅବସରରେ ଆମ ଗ୍ରହର ଜୈବବିବିଧତାର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ବିଶ୍ୱସ୍ତରୀୟ ଅଭିଯାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନେତୃବର୍ଗ ଏବଂ ପ୍ରତିନିଧିମାନେ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ମାନବ କଲ୍ୟାଣ, ଜଳବାୟୁ ସ୍ଥିରତା ଓ ଅନୁକୂଳନ, ଖାଦ୍ୟ ଓ ଜଳ ସୁରକ୍ଷା, ଜନସ୍ୱାସ୍ଥ୍ୟ ଏବଂ ପରିସଂସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ଜୈବବିବିଧତା ଏକ ମୌଳିକ ଭୂମିକା ନିର୍ବାହ କରେ। ପରନ୍ତୁ, ଅସହନୀୟ ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବବିବିଧତାର ତ୍ୱରିତ୍ ଅବକ୍ଷୟକୁ ରୋକିବା ନିମନ୍ତେ ବିଶ୍ୱସ୍ତରରେ ଏକ ଜରୁରୀ, ବିଜ୍ଞାନ ଆଧାରିତ, ସମନ୍ୱିତ, ପରିବର୍ତ୍ତନକାରୀ, ମହତ୍ତ୍ୱାକାଂକ୍ଷୀ ଏବଂ ଉତ୍ତରଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ। ଏହି ଲକ୍ଷ୍ୟରେ ସମ୍ମିଳନୀରେ ଯୋଗଦାନକାରୀ ରାଷ୍ଟ୍ରମୁଖ୍ୟ, ଆଦିବାସୀ ନେତୃବର୍ଗ, ବେସରକାରୀ ଅନୁଷ୍ଠାନ, ବୈଜ୍ଞାନିକ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଜର୍ଜଟାଉନ ଘୋଷଣାପତ୍ରକୁ ବ୍ୟାପକ ରୂପେ ସମର୍ଥନ ଜଣାଇ ଅନୁମୋଦିତ କରିଛନ୍ତି। ଜୈବବିବିଧତାକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ସ୍ୱୀକାର କରି ଏହାକୁ ଜାତୀୟ ବିକାଶ ଯୋଜନା, ଜଳବାୟୁ ରଣନୀତି ଏବଂ ଆର୍ଥିକ ଢାଞ୍ଚାରେ ଏକୀକୃତ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆଗାମୀ ନଭେମ୍ବର ୧୦–୨୧ ପର୍ଯ୍ୟନ୍ତ ବ୍ରାଜିଲରେ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ୨୦୨୫ (କୋପ–୩୦)ର ସଭାପତି ଲାଗୋ ଏଥିରେ ଯୋଗଦାନ କରି ଜଳବାୟୁ ଆଲୋଚନାରେ ଜୈବବିବିଧତାର ଅଭିନ୍ନ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କୋପ–୩୦ ସହିତ ଦୃଢ଼ ସମନ୍ୱୟ ସ୍ଥାପନ ନିମନ୍ତେ ମଞ୍ଚକୁ ଅନୁରୋଧ କରିଥିଲେ। ଏହି ଶିଖର ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୪୦ରୁ ଅଧିକ ରାଷ୍ଟ୍ର ଏବଂ ସଂଗଠନ ଏକତ୍ରିତ ହୋଇଥିଲେ।

ଏହି ମଞ୍ଚ ପାଞ୍ଚଟି ରଣନୈତିକ କୌଶଳ ଉପରେ ଗଠିତ ଏକ ବ୍ୟାପକ ରୋଡମ୍ୟାପ୍ ଉନ୍ମୋଚନ କରିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି, ୧) ବିଶ୍ୱବ୍ୟାପୀ ୩୦x୩୦ ଲକ୍ଷ୍ୟ ହାସଲ କରିବା, ଅର୍ଥାତ୍ ୨୦୩୦ ସୁଦ୍ଧା ୩୦% ସ୍ଥଳଭାଗ ଏବଂ ସମୁଦ୍ରସ୍ଥ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା, ୨) ଜାତୀୟ ଏବଂ କର୍ପୋରେଟ ବିକାଶ ଯୋଜନାରେ ଜୈବବିବିଧତାକୁ ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ କରିବା, ୩) ଜୈବବିବିଧତା କ୍ରେଡିଟ, ସବୁଜ ବଣ୍ଡ ଏବଂ ପ୍ରକୃତି ପାଇଁ ଋଣ ପରି ଅଭିନବ ଆର୍ଥିକ ବ୍ୟବସ୍ଥାର ପ୍ରାବଧାନ କରିବା, ୪) ସ୍ୱୀକୃତି ପ୍ରଦାନ, ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ୫) 'ମୋଟ ଜୈବବିବିଧତା ଶକ୍ତି ସୂଚକାଙ୍କ' (ଗ୍ରସ ବାୟୋଡାଇଭର୍ସିଟି ପାୱାର୍ ଇଣ୍ଡେକ୍ସ) ସୃଷ୍ଟି ସମେତ ତଦାରଖ, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ସାର୍ବଭୌମତ୍ୱ ନିମନ୍ତେ ଦୃଢ଼ ବ୍ୟବସ୍ଥାର ସ୍ଥାପନ କରିବା। ବିଶ୍ୱ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସହାୟତା ପ୍ରଦାନକାରୀ ସଂସ୍ଥାମାନେ ପରିବେଶଗତ କାର୍ଯ୍ୟଦକ୍ଷତା ଏବଂ ସଚ୍ଚୋଟତା ସହିତ ପାଣ୍ଠି ବିନିଯୋଗକୁ ସଂଯୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଖର ସମ୍ମିଳନୀରେ ଏକ ପ୍ରମୁଖ ବିଷୟବସ୍ତୁ ଥିଲା ଜୈବବିବିଧତା ସଂରକ୍ଷଣରେ ସମସ୍ତଙ୍କର ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାନୀୟ ଭାବରେ ପରିଚାଳିତ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ। ମଞ୍ଚରେ ଆଦିବାସୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇବା ସହ ସେମାନଙ୍କର ପ୍ରଶାସନିକ ଭୂମିକା, ଜ୍ଞାନ କୌଶଳ ଏବଂ ଆର୍ଥିକ ଆବଶ୍ୟକତା ପ୍ରାଧାନ୍ୟ ହାସଲ କରିଥିଲା। ଏଥିସହ 'ତଥ୍ୟ ସାର୍ବଭୌମତ୍ୱ ନୀତି' ମଧ୍ୟ ଅନୁମୋଦିତ ହୋଇଥିଲା, ଯାହା ନିଶ୍ଚିତ କରେ ଯେ ଜୈବବିବିଧତା ନିରୀକ୍ଷଣ ପ୍ରକ୍ରିୟା ସ୍ଥାନୀୟ ଅଧିବାସୀଙ୍କର ମାଲିକାନା ଏବଂ ସମାନ ହିତସାଧନକୁ ସମର୍ଥନ କରେ। ଉପଯୁକ୍ତ ଯୋଜନାର କାର୍ଯ୍ୟକାରିତା ମାଧ୍ୟମରେ ମାପଯୋଗ୍ୟ ସଫଳତା ହାସଲ ହିଁ ଭବିଷ୍ୟତର ଲକ୍ଷ୍ୟ ବୋଲି ସ୍ଥିରୀକୃତ ହୋଇଥିଲା।



ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ମଞ୍ଚ ସ୍ଥାପନ ପୂର୍ବରୁ ପ୍ରାଣୀ, ଉଦ୍ଭିଦ ଏବଂ ଅଣୁଜୀବଙ୍କର ସମଷ୍ଟିକୁ ଅନ୍ତର୍ଭୁକ୍ତ କରୁଥିବା ଜୈବବିବିଧତାର ସୁରକ୍ଷା ନିମନ୍ତେ ଅନେକ ବିଶ୍ୱସ୍ତରୀୟ ପ୍ରୟାସ ଜାରିରହିଛି। ଏଥିରେ ପ୍ରମୁଖ ରୂପେ 'ଜୈବିକ ବିବିଧତା ସମ୍ମିଳନୀ' (ସିବିଡି) ଅନ୍ତର୍ଭୁକ୍ତ, ଯାହା ୧୯୯୨ରେ ବ୍ରାଜିଲର ରିଓ ଡି ଜେନିରୋରେ ଜାତିସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଖ୍ୟାତ 'ଧରିତ୍ରୀ ଶିଖର ସମ୍ମିଳନୀ' ଅବସରରେ ସ୍ୱାକ୍ଷର ନିମନ୍ତେ ଉନ୍ମୁକ୍ତ ହୋଇଥିଲା। ୧୯୬ ଜଣ ସଦସ୍ୟ ରାଷ୍ଟ୍ର ଥିବା ସିବିଡିର ତିନୋଟି ପ୍ରାଥମିକ ଲକ୍ଷ୍ୟ ହେଉଛି: ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସହନୀୟ ବ୍ୟବହାର ଏବଂ ଜିନୀୟ ସମ୍ବଳରୁ ଉପଲବ୍ଧ ଲାଭର ନିରପେକ୍ଷ ଓ ସମ ବଣ୍ଟନ। ଏହି ଲକ୍ଷ୍ୟଗୁଡ଼ିକ ଜୈବବିବିଧତାର କ୍ରମାଗତ ଅବକ୍ଷୟକୁ ରୋକିବା ଏବଂ ସମସ୍ତଙ୍କ ନିମନ୍ତେ ଏକ ନିରନ୍ତର ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟରତ। ଡିସେମ୍ବର ୨୦୨୨ରେ କାନାଡାର ମଣ୍ଟ୍ରିଲରେ ସିବିଡିର ୧୫ତମ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମିଳନୀ (କୋପ–୧୫)ରେ 'କୁନ୍ମିଂ–ମଣ୍ଟ୍ରିଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା' ଗୃହୀତ ହୋଇଥିଲା ; ଯେଉଁଥିରେ ବିଶ୍ୱର ଅତି କମ୍‌ରେ ୩୦ ପ୍ରତିଶତ ସ୍ଥଳଭାଗ, ଆଭ୍ୟନ୍ତରୀଣ ଜଳସ୍ଥଳୀ, ଉପକୂଳ ଅଞ୍ଚଳ ଏବଂ ମହାସାଗରକୁ ସଂରକ୍ଷଣ ଏବଂ ପରିଚାଳନା କରିବା ନିମନ୍ତେ ସ୍ଥିରୀକୃତ ହୋଇଥିଲା। ଏଥିରେ ଜୈବବିବିଧତା ଏବଂ ପରିସଂସ୍ଥାର କାର୍ଯ୍ୟ ସମ୍ପାଦନ ତଥା ସେବା ପ୍ରଦାନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ମହତ୍ତ୍ୱ ରଖୁଥିବା କ୍ଷେତ୍ରଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋପ–୧୬ରେ 'ଜୈବବିବିଧତା ଉଧାର ମଞ୍ଚ'ର ପ୍ରତିଷ୍ଠା ହୋଇଥିଲା ; ଯାହାର ଉଦ୍ଦେଶ୍ୟ ହେଉଛି ଜୈବବିବିଧତା ସମୃଦ୍ଧ ଅଞ୍ଚଳର ସଂରକ୍ଷଣ, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବା।

ଏହା ଆମର ହୃଦ୍‌ବୋଧ ହେବା ବାଞ୍ଛନୀୟ ଯେ ଜୈବବିବିଧତାର ଅବକ୍ଷୟ ଉଭୟ ପରିବେଶ ଏବଂ ମାନବ କଲ୍ୟାଣ ବିରୋଧରେ ସୁଦୂରପ୍ରସାରୀ ନକାରାତ୍ମକ ପ୍ରଭାବ ବିସ୍ତାର କରେ। ପରିସଂସ୍ଥା ବିପର୍ଯ୍ୟସ୍ତ ହୁଏ, ସେମାନଙ୍କ ସ୍ଥିରତାରେ ଅସନ୍ତୁଳନ ଘଟେ ଏବଂ ଉଦ୍ଭିଦ–ପ୍ରାଣୀ ଉତ୍ସରୁ ଲବ୍ଧ ବିବିଧ ପଦାର୍ଥ ତଥା ସ୍ୱଚ୍ଛ ବାୟୁ ଓ ଜଳ ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଣ ବାଧାପ୍ରାପ୍ତ ହୁଏ। ଏସବୁର ପରିଣାମରେ ଖାଦ୍ୟ ସୁରକ୍ଷା ବ୍ୟାହତ ହୁଏ, ରୋଗ ସୃଷ୍ଟିରେ ବୃଦ୍ଧି ଘଟେ ଏବଂ ଆର୍ଥିକ କ୍ଷୟକ୍ଷତି ତ୍ୱରାନ୍ୱିତ ହୁଏ। ପୁନଶ୍ଚ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବହୁ ଜୀବଜାତି କ୍ରମଶଃ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହେଉଛନ୍ତି ଏବଂ ସେମାନଙ୍କର ଭୌଗୋଳିକ ବଣ୍ଟନ ପ୍ରଭାବିତ ହେଉଛି। ଏପରି ଦୃଶ୍ୟପଟ୍ଟରେ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଉପଯୁକ୍ତ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଜୀବଜାତିଙ୍କ ବାସସ୍ଥଳୀର ସୁରକ୍ଷା ନିମନ୍ତେ ଅଧିକ ଜାତୀୟ ଉଦ୍ୟାନ, ସଂରକ୍ଷିତ ବନ୍ୟପ୍ରାଣୀ ଅଞ୍ଚଳ ଏବଂ ସାମୁଦ୍ରିକ ଅଭୟାରଣ୍ୟର ପ୍ରତିଷ୍ଠା ତଥା ଅବକ୍ଷୟିତ ପରିସଂସ୍ଥା ସବୁର ପୁନରୁଦ୍ଧାର ଏକାନ୍ତ ଅପରିହାର୍ଯ୍ୟ। ବନୀକରଣ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହନ, ବିଲୁପ୍ତପ୍ରାୟ ଜୀବଜାତିଙ୍କ ଶିକାରର ଦୃଢ଼ ନିରୋଧ, ପରିବେଶ ଅନୁକୂଳ ବ୍ୟବହାରକୁ ଉତ୍ସାହିତ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣକୁ ନିରୁତ୍ସାହିତ କରାଯିବା ବିଧେୟ।

ପୁନଶ୍ଚ, ଜୈବବିବିଧତା ଆଇନ ସବୁର କାର୍ଯ୍ୟାନ୍ୱୟନ, ଅନ୍ତର୍ଜାତୀୟ ଚୁକ୍ତିନାମାକୁ ସମର୍ଥନ ଏବଂ ଜାତୀୟ ବିକାଶ ରଣନୀତିରେ ଜୈବବିବିଧତା ଲକ୍ଷ୍ୟକୁ ସାମିଲ କରାଯିବା ବାଞ୍ଛନୀୟ। ପରିସଂସ୍ଥାର ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକ ହ୍ରାସନ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଜୀବଜାତିଙ୍କର କ୍ଷତିସାଧନକାରୀ ବାହ୍ୟ ପ୍ରଜାତିଙ୍କର ନିୟନ୍ତ୍ରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ସ୍ଥାନୀୟ ସମ୍ପ୍ରଦାୟକୁ ଜୈବବିବିଧତାର ଗୁରୁତ୍ୱ ପ୍ରସଙ୍ଗରେ ଶିକ୍ଷା ପ୍ରଦାନ ; ସେମାନଙ୍କୁ ସଂରକ୍ଷଣ ପ୍ରକ୍ରିୟାରେ ସାମିଲ ; ପାରମ୍ପରିକ, ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣ, ଏବଂ ନିରନ୍ତର ଜୀବିକାର୍ଜନକୁ ସମର୍ଥନ ମହତ୍ତ୍ୱପୂର୍ଣ୍ଣ ଅଟେ। ଅଧିକ ବୈଜ୍ଞାନିକ ଅନୁସନ୍ଧାନ, ଜିଆଇଏସ, ଡ୍ରୋନ ଏବଂ ରିମୋଟ ସେନ୍ସିଂ ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଅଧ୍ୟୟନ ଏବଂ ଅନୁକୂଳିତ ପରିଚାଳନା ନିମନ୍ତେ ଯୋଜନା ପ୍ରଣୟନ ହେଉଛି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ। ସର୍ବୋପରି, ବିଦ୍ୟାଳୟ ପାଠ୍ୟକ୍ରମରେ ଜୈବବିବିଧତାକୁ ସାମିଲ, ସଂରକ୍ଷଣ ଅଭିଯାନରେ ଜନସାଧାରଣଙ୍କର ଅଂଶଗ୍ରହଣ ଏବଂ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଜୈବବିବିଧତା ସୁରକ୍ଷାର ପ୍ରଚାର ହେଉଛି ସମୟୋପଯୋଗୀ ପଦକ୍ଷେପ। ଅନ୍ୟଥା, ଜୈବବିବିଧତା ପ୍ରାଚୁର୍ଯ୍ୟର ଅବକ୍ଷୟରେ ସମ୍ବଳରହିତ ଏକ ମରୁଭୂମିରେ ଜୀବନଯାପନ କରିବା ଭବିଷ୍ୟତ ପିଢ଼ିନିମନ୍ତେ ଏକ ଆହ୍ୱାନକାରୀ ପରିସ୍ଥିତି ସୃଷ୍ଟି କରିବ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ସ୍ତନ୍ୟପାନରୁ ବଞ୍ଚିତ ଶିଶୁର ମାନସିକତା



ଡା. ଗୋପାଳ ଚନ୍ଦ୍ର ଦାଶ

ଶରୀର ଗଠନ ସହିତ କ୍ରମାନୁସାରେ ମାନସିକ ଅବସ୍ଥାରେ ପରିପକ୍ୱତା ଆସିଥାଏ। ଚାଣକ୍ୟଙ୍କ ମତରେ– ''ଲାଳୟେତ୍ ପଞ୍ଚବର୍ଷାଣି ଦଶ ବର୍ଷାଣି ଚ ତାଡ଼ୟେତ୍''। ଅର୍ଥାତ୍ ଜନ୍ମର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ଶିଶୁର ସର୍ବାଧିକ ମାନସିକ ବିକାଶ ହେଉଥିବାରୁ ଏହି ସମୟ ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ ପ୍ରତ୍ୟେକ ମାତାପିତା ଶିଶୁର ଲାଳନ–ପାଳନ ପାଇଁ ଏହି ସମୟରେ ଅତ୍ୟନ୍ତ ସଚେତନ ହେବା ଆବଶ୍ୟକ। ଏହି ସମୟରେ ଶିଶୁଠାରେ ବିକଶିତ ହେଉଥିବା ମାନସିକତା ଭବିଷ୍ୟତ କାଳରେ ତାହାର ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ। କୁହାଯାଇଛି ଯେ ମା' କ୍ଷୀର ବିଶ୍ୱରେ ଅମୃତ। ଅର୍ଥାତ୍ ଶିଶୁର ଗଠନ ପାଇଁ ମା' କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ପୋଷଣ ତତ୍ତ୍ୱ ରହିଥାଏ। ମା' କ୍ଷୀର ଶିଶୁର ଶାରୀରିକ ଓ ମାନସିକ ଗଠନ ସହିତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରେ। ସେଥିପାଇଁ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ସ୍ତନ୍ୟପାନ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି। ସ୍ତନ୍ୟପାନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ସପ୍ତାହକୁ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ଭାବେ ପାଳନ କରାଯାଉଛି। ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସଭା ସମିତି ଓ କର୍ମଶାଳା ମାଧ୍ୟମରେ ସ୍ତନ୍ୟପାନର ଉପକାରିତା ଓ କୃତ୍ରିମ କ୍ଷୀରର ଅପକାରିତା ସମ୍ବନ୍ଧରେ ମା'ମାନଙ୍କୁ ବୁଝାଇ ଥାଆନ୍ତି। ପ୍ରସବ ପରବର୍ତ୍ତୀ ପ୍ରଥମ ଛଅମାସ ଶିଶୁକୁ ମା' କ୍ଷୀର ବ୍ୟତୀତ ଅନ୍ୟ କିଛି ନ ଦେବା ପାଇଁ ଉପଦେଶ ଦିଆଯାଏ। ସ୍ତନ୍ୟପାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଶିଶୁର ମାନସିକ ବିକାଶ। ଗବେଷଣାରୁ ଜଣାପଡ଼େ ଯେ ସ୍ତନ୍ୟପାନ କରିଥିବା ଶିଶୁର ମାନସିକ ବିକାଶ ସ୍ତନ୍ୟପାନରୁ ବଞ୍ଚିତ ଶିଶୁ ଅପେକ୍ଷା ଯଥେଷ୍ଟ ଉର୍ଦ୍ଧ୍ୱରେ। ସ୍ତନ୍ୟପାନ କିପରି ଶିଶୁର ମାନସିକ ବିକାଶ କରିଥାଏ, ତାହା ଆଲୋଚନା କରିବା ପୂର୍ବରୁ ପ୍ରାରମ୍ଭିକ ଅବସ୍ଥାରେ ଶିଶୁର ମାନସିକ ବିକାଶ ସମ୍ବନ୍ଧରେ କିଛି ଆଲୋକପାତ କରିବା ଆବଶ୍ୟକ।

**ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ**



ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଫ୍ରଏଡ୍‌ଙ୍କ ମତରେ ବୟସ ବୃଦ୍ଧି ସହିତ ବ୍ୟକ୍ତିତ୍ୱ ପାଞ୍ଚ ପର୍ଯ୍ୟାୟରେ ବିକଶିତ ହୋଇଥାଏ। ପ୍ରଥମ ପର୍ଯ୍ୟାୟଟି ହେଉଛି– ମୌଖିକ ପର୍ଯ୍ୟାୟ ଯାହା ଶିଶୁ ଅବସ୍ଥାରେ ଦେଖାଦେଇଥାଏ। ଜନ୍ମଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମୌଖିକ ପର୍ଯ୍ୟାୟର ପରିସୀମା। ଏହି ସମୟ ଅବଧିରେ ଶିଶୁର ବିବେକ ଉଦ୍ରେକ ହୋଇ ନ ଥିବାରୁ ସେ ପୂର୍ବଜନ୍ମର ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇଥାଏ। ଶରୀର ପାଇଁ ଦରକାର ହେଉଥିବା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶିଶୁଟି ମୁଖମଣ୍ଡଳକୁ ବ୍ୟବହାର କରିଥାଏ। ସେଥିପାଇଁ ଏହାକୁ ମୌଖିକ ପର୍ଯ୍ୟାୟ କୁହାଯାଏ। କ୍ଷୁଧାର ନିବାରଣ ପାଇଁ ସ୍ତନ୍ୟପାନ କରିଥାଏ। ସେଥିରୁ ନିବୃତ୍ତ ହୋଇ ଆଙ୍ଗୁଠି ଚୁଚୁମିଥାଏ। ଏହି ଅବସ୍ଥା ଜନ୍ମଠାରୁ ଆଠମାସ ପର୍ଯ୍ୟନ୍ତ ବିଶେଷ ଭାବରେ ପରିଲକ୍ଷିତ ହୁଏ। ଏହାକୁ ଓରାଲ ସକିଂ ପର୍ଯ୍ୟାୟ କୁହାଯାଏ। ଦାନ୍ତ ଉଠିବା ପରେ ଛଅମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁଟି କାମୁଡ଼ିବା ଅଭ୍ୟାସ ଆରମ୍ଭ କରେ। ଏହାକୁ ଓରାଲ ବାଇଟିଂ ଅବସ୍ଥା କୁହାଯାଏ। ପ୍ରଥମ ଅବସ୍ଥାରେ ଶିଶୁଟି ମା'ର ଏକ ଅଭିନ୍ନ ଅଙ୍ଗ ବୋଲି ଭାବେ। ସ୍ତନ୍ୟପାନ ମାଧ୍ୟମରେ ଚୁଚୁମିବା କ୍ରିୟାରେ ଅପାର ଆନନ୍ଦ ଲାଭ କରେ। ଶିଶୁଟି ଏଥିରୁ ବଞ୍ଚିତ ହେଲେ ତାହାର ମାନସିକ ଅସନ୍ତୋଷ ରହେ। କର୍ମଜୀବୀ ମହିଳାମାନେ ଠିକ୍ ସମୟରେ ସନ୍ତାନକୁ ସ୍ତନ୍ୟପାନ କରାଇ ପାରି ନ ଥାନ୍ତି। ଫଳରେ ଶିଶୁଟି ମା' କ୍ଷୀର ନ ପାଇ କୃତ୍ରିମ କ୍ଷୀର ଉପରେ ନିର୍ଭର କରେ। କେତେଜଣ ଆଧୁନିକ ମହିଳା ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ବୋଲି ଭାବି ସ୍ତନ୍ୟପାନ କରାଇ ନ ଥାନ୍ତି। ଶିଶୁଟି ସ୍ତନ୍ୟପାନରୁ ବଞ୍ଚିତ ହେବା ଦ୍ୱାରା ମାନସିକ ଅସନ୍ତୋଷ ପାଏ। ଫଳସ୍ୱରୂପ ଶିଶୁ ଆଙ୍ଗୁଠି ଚୁଚୁମେ, ଖେଳଣାଗୁଡ଼ିକ ପାଟିରେ ପୂରାଏ ଓ କାମୁଡ଼ିଥାଏ। ଭବିଷ୍ୟତରେ ଏହି ବଦଭ୍ୟାସଗୁଡ଼ିକ ଯୌବନ ଅବସ୍ଥାକୁ ସଂକ୍ରମିତ ହୁଏ। ପ୍ରାପ୍ତ ବୟସରେ ସେ ଆଙ୍ଗୁଠି ଚୁଚୁମେ, ନଖ କାମୁଡ଼େ, ପାନ, ସିଗାରେଟ୍, ଚୁଇଙ୍ଗମ ଚୋବାଇବା ଅଭ୍ୟାସ କରେ। ଏପରିକି କୈଶୋର ଅବସ୍ଥାରେ ବାରମ୍ବାର ଚୁମ୍ବନ ଦେବାର ଇଚ୍ଛା ଆଦି ଚାରିତ୍ରିକ ଦୋଷ ଶୈଶବ ଅବସ୍ଥାରେ ମୌଖିକ ପର୍ଯ୍ୟାୟର ଅସନ୍ତୋଷର ପରିପ୍ରକାଶ ଅଟେ। ସ୍ତନ୍ୟପାନରୁ ବଞ୍ଚିତ ହୋଇଥିବା ଶିଶୁ ଭବିଷ୍ୟତରେ ବଦ୍‌ରାଗୀ, କର୍କଶ, ତର୍କପ୍ରିୟ ହୋଇଥାଆନ୍ତି। ତେଣୁ ମା' ଶିଶୁକୁ ସ୍ତନ୍ୟପାନ କରାଇବା ଏକାନ୍ତ ଆବଶ୍ୟକ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ମହାରାଷ୍ଟ୍ରର ହେନିକ୍ ଗାଲା ଓ ଶ୍ରେୟାସ ମଜଲାପୁର ବର୍ଜ୍ୟ ସଂଗ୍ରହକରି ସେଗୁଡ଼ିକର ରିସାଇକେଲିଂ କରୁଛନ୍ତି। ସେମାନେ ୨୦୨୩ରେ 'ସ୍କ୍ରାପ୍ ଜି' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ପ୍ରତି ମାସରେ ସେମାନେ ୧୦ ହଜାର କେଜି ବର୍ଜ୍ୟ ରିସାଇକେଲିଂ କରିପାରୁଛନ୍ତି। ଏହି କାର୍ଯ୍ୟରେ ଏବେ ସେମାନଙ୍କ ସହ ଅନେକ ଯୁବକ ଯୋଡ଼ିହୋଇଛନ୍ତି। ମୁଖ୍ୟତଃ ସେମାନେ ଠାଣେର ବିଭିନ୍ନ ଅଞ୍ଚଳରୁ ଖବରକାଗଜ, ପ୍ଲାଷ୍ଟିକ୍, ଧାତବ ଓ ଇ–ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରିବା ପରେ ସେଗୁଡ଼ିକୁ ପୃଥକ୍ କରି ରିସାଇକେଲିଂ ସେଣ୍ଟରକୁ ପଠାଉଛନ୍ତି। ଏବେ ସୁଦ୍ଧା ୨୦୦୦ରୁ ଊର୍ଦ୍ଧ୍ୱ ପରିବାରରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଯେଉଁମାନେ ବର୍ଜ୍ୟ ଦେଉଛନ୍ତି ସେମାନଙ୍କୁ ଏ ବାବଦରେ କିଛି ଅର୍ଥ ମଧ୍ୟ ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏସବୁ ପରିବାର ସହ ଯୋଗାଯୋଗ ରଖାଯାଉଛି ଏବଂ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଅଣାଯାଉଛି। ହେନିକ୍, ଶ୍ରେୟାସ ଓ ତାଙ୍କ ଟିମ୍‌ର ଏହି କାର୍ଯ୍ୟ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସ୍କୁଲରେ ପଢ଼ିବା ସମୟରେ ଏହି ଦୁଇବନ୍ଧୁ କବାଡ଼ିୱାଲାକୁ ଦେଖିବା ପରେ ବର୍ଜ୍ୟ ସଂଗ୍ରହ କରି ତାହାକୁ ରିସାଇକେଲିଂ କରିବାକୁ ଯୋଜନା କରିଥିଲେ। ପରେ ସ୍କୁଲ ଶିକ୍ଷା ଶେଷକରି ତାହା ଆରମ୍ଭ କରିଥିଲେ। ଏବେ ଏହି 'ସ୍କ୍ରାପ୍ ଜି' କାରବାର ୨୫ ଲକ୍ଷରୁ ଅଧିକ ଟଙ୍କାରେ ପହଞ୍ଚିଲାଣି।

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ
ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନାବାଳକ ମା'ବାପା

ମହାଶୟ,

ଯେଉଁ ଅଶ୍ଳୀଳତାକୁ ମା'ବାପାମାନେ ପିଲାଙ୍କଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି, ସେ ବିଷୟରେ ପିଲାମାନେ ବେଶ୍ ଅବଗତ ବୋଲି ସମାଜକୁ ସୂଚେଇ ଦେଉଛନ୍ତି। କନ୍ଧମାଳର ବେଲଘର, ମୟୂରଭଞ୍ଜର ବାଙ୍ଗିରିପୋଷି, ରାୟଗଡ଼ା ଜିଲ୍ଲା ବିଷମକଟକ ଅଞ୍ଚଳର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି । ୧୫ ବର୍ଷର ନାବାଳକ ଅବୈଧ ଭ୍ରୂଣର ପିତା ହେଉଛି। ଯେଉଁଠି କୌଣସି ଯୁବତୀଙ୍କୁ ବଳାତ୍କାର କରାଯାଉଛି, ସେମାନଙ୍କ ମଧ୍ୟରେ ନାବାଳକ ଯୋଡ଼ିହୋଇଛନ୍ତି। ମନେହୁଏ, ଏହି ଯୌନ ଉଚ୍ଛୃଙ୍ଖଳତା ମୋବାଇଲ ଦ୍ୱାରା ପରିବ୍ୟାପ୍ତ ହେଉଛି। ମୋବାଇଲରେ ଅଶ୍ଳୀଳ ଚିତ୍ରକୁ ଉତ୍ତୋଳନ କରି ଭାଇରାଲ କରାଯାଉଛି। ମୋବାଇଲରେ ନାବାଳିକା ନାବାଳକ, ଯୁବତୀ ଯୁବକମାନେ ଅଶ୍ଳୀଳ ଚିତ୍ର ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ତାକୁ ଦେଖିବାରେ ସମୟ ନଷ୍ଟ କରୁଛନ୍ତି ଏବଂ ବିପରୀତ ଲିଙ୍ଗ ପ୍ରତି ଆକୃଷ୍ଟ ହୋଇ ବ୍ୟଭିଚାର ସୃଷ୍ଟି କରୁଛନ୍ତି। ତେଣୁ ମୋବାଇଲ ନିୟନ୍ତ୍ରଣ ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ତାହା ନ ହେଲେ ସମାଜର ଅଧପତନ ଅବଶ୍ୟମ୍ଭାବୀ। ଯେଉଁଠି ମିଡିଆ ପହଞ୍ଚି ନ ପାରୁଛି ସେଠାକାର କଥା କେହି ଜାଣିପାରୁନାହାନ୍ତି ଏବଂ ଘଟୁଥିବା ଘଟଣା ଅନ୍ଧାର ଭିତରେ ହଜିଯାଉଛି।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୋରମ ଚାଲାଣ କରୁଥିବା ୩ ହାଇୱା ଜବତ

ଧର୍ମଶାଳା,୫।୮ (ବଟକୃଷ୍ଣ ପରିଡ଼ା)

ଜେନାପୁର ଥାନା ଅଧୀନ କୁସୁନପୁର ପାହାଡ଼ରୁ ବେଆଇନ୍ ଭାବେ ମୋରମଚାଲାଣ କରୁଥିବା ୩ ହାଇୱାକୁ ପୋଲିସ ମଙ୍ଗଳବାର ଜବତ କରିବା ସହ ଗାଡ଼ି ମାଲିକମାନଙ୍କ ନାମରେ ମାମଲା ରୁଜୁ କରିଛି। ପାହାଡ଼ରୁ ଜେସିବି ସାହାଯ୍ୟରେ ମୋରମ୍ ଖନନ କରି ପରିବହନ କରାଯାଉଥିବା ଖବର ପାଇ ପୋଲିସ ବାଲିସାହି ଛକଠାରେ ଚଢ଼ାଉ କରିଥିଲା। ମାତ୍ର ଚାଳକ ଆବଶ୍ୟକ କାଗଜ ପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରିଥିଲା। ଜବତ ଗାଡ଼ିଗୁଡ଼ିକ ଜେନାପୁର ଥାନାରେ ରଖାଯାଇଛି। ଏନେଇ ଯାଜପୁର ରୋଡ୍ ଖଣି ବିଭାଗକୁ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା,୫।୮ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ନିଳାଦେଇପୁର ଗ୍ରାମର ଅରୁଣ ଗୁରୁ(୪୮) ପାରିବାରିକ କଳହ ଯୋଗୁ ମଙ୍ଗଳବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଧ୍ୟାହ୍ନରେ ଅରୁଣ ନିଜ ଶୋଇବା ଘର କବାଟ ବନ୍ଦ କରି ଫ୍ୟାନ୍‌ରେ ଲୁଗା ସାହାଯ୍ୟରେ ଝୁଲି ପଡ଼ିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

### କାର୍ଯ୍ୟରେ ଅବହେଳା ପାଇଁ ଏଏସ୍ଆଇ ନିଲମ୍ବିତ

ଚଣ୍ଡିଖୋଲ,,୫।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାର ଏଏସ୍ଆଇ ସତ୍ୟରଞ୍ଜନ ସାହୁ କାର୍ଯ୍ୟରେ ଅବହେଳା କରି ନିଲମ୍ବିତ ହୋଇଛନ୍ତି। ତାଙ୍କୁ ଯାଜପୁର ଅରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲ ସୋମବାର ସନ୍ଧ୍ୟାରେ ନିଲମ୍ବିତ କରିଥିବା ଜଣାପଡିଛି। ଏଏସ୍ଆଇ ସାହୁ ଏକ ନାବାଳିକା ଅପହରଣ ମାମଲାରେ ଅବହେଳା କରିଥିବା ଯୋଗୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ନିଲମ୍ବନ ପରେ ତାଙ୍କୁ ଥାନାରୁ ଅପସାରଣ କରାଯାଇ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି।

### ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ସୁନା ଲୁଟ୍

ଚଣ୍ଡିଖୋଲ,୫।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର-ବେଣୀପୁର ପୂର୍ତ୍ତ ବିଭାଗ ରାସ୍ତାର କଳାଶ୍ରୀଠାରେ ମଙ୍ଗଳବାର ସକାଳେ ଲୁଟ ହୋଇଛି। ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାଥପୁର ଗ୍ରାମର ଝୁନି ଦାସ ବାଲିଚନ୍ଦ୍ରପୁର ଅଭିମୁଖେ ଏକ ସ୍କୁଟିରେ ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ହଠାତ ୩ଜଣ ଯୁବକ ଏକ ବାଇକରେ ଆସି ବନ୍ଧୁକ ଦେଖାଇ ଝୁନିଙ୍କ ସୁନା ଚେନ ଓ ତାଙ୍କ ପାଖରେ ଥିବା ୪,୫୦୦ ଟଙ୍କା ଛଡାଇ ନେଇଛନ୍ତି। ମହିଳାଙ୍କ ଚିତ୍କାର ଶୁଣି ବିଲରେ କାମ କରୁଥିବା ଲୋକେ ଦୌଡ଼ି ଆସିଥିଲେ। ମାତ୍ର ସେତେବେଳକୁ ଲୁଟେରାମାନେ ବେଣୀପୁର ଆଡକୁ ପଳାଇ ଯାଇଥିଲେ। ଏନେଇ ଝୁନି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଧର୍ମଶାଳାରେ ନିର୍ମାଣ ହେବ କ୍ରୀଡ଼ା ଛାତ୍ରାବାସ



କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଧର୍ମଶାଳା/କାଏମା,୫।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

## କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଯାଜପୁର ଜିଲା ପ୍ରଶାସନ, ରାମକୋ ସିମେଣ୍ଟ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମିଳିତ ଉଦ୍ୟମରେ ଧର୍ମଶାଳା ଷ୍ଟାଡିୟମଠାରେ ଏକ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି।

ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମିନତି ସାହୁ ଯୋଗଦେଇ ଏହାଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାଦ୍ୱାରା ଗାଁ ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାପଦାକୁ ଆସିବ ଏବଂ ଧର୍ମଶାଳା ଅଞ୍ଚଳର ନାମ ବିକଶିତ ହେବ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟୀ କର ଯୋଗଦେଇ କହିଥିଲେ, ପୂର୍ବରୁ କେବଳ ସହରାଞ୍ଚଳ ପିଲା କ୍ରୀଡ଼ା ପ୍ରଶିକ୍ଷଣ ପାଇ ପାରୁଥିଲେ ଏବଂ ଦେଶ ବିଦେଶ ଯାଇ ଖେଳ କୁଦ କରୁଥିଲେ। ବର୍ତ୍ତମାନ ସେହି ଶିକ୍ଷା ଧର୍ମଶାଳାରେ ପିଲାମାନଙ୍କୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ଗାଁ ପିଲା ପଲ୍ଲିରୁଦିଲ୍ଲୀ ପର୍ଯ୍ୟନ୍ତ ଯାଇଁ ନିଜେ ଗୌରବ ଅର୍ଜନ କରିବା ସହ ଅଞ୍ଚଳର ନାମ ରଖିବେ ବୋଲି ବିଡିଓ ପ୍ରକାଶ କରିଥିଲେ। ରାମକୋ ୟୁନିଟ୍ ମୁଖ୍ୟ ଗୋବିନ୍ଦ ରାଉତ, ଏଚ୍ଆର ମୁଖ୍ୟ ସର୍ବେଶ୍ୱର ମହାପାତ୍ର ଏବଂ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧରେ ମତ ପ୍ରକାଶ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗଦେଇ କହିଥିଲେ, ରାଜ୍ୟରେ କ୍ରୀଡାବିତ୍‌ଙ୍କ ପାଇଁ କ୍ରୀଡ଼ା ଛାତ୍ରବାସ ରହିଛି ଓ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ସେହିଭଳି ଏକ ନୂତନ କ୍ରୀଡ଼ାଛାତ୍ରବାସ ଧର୍ମଶାଳା ଅଞ୍ଚଳରେ ନିର୍ମାଣ କରାଯିବ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ଜାତୀୟସ୍ତରୀୟ କୋଚଙ୍କୁ ନିୟୋଜିତ କରାଯିବର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ଭାଜପା ଯୁବନେତା ରାଜେଶ ପାଲ, ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, କ୍ରୀଡ଼ା ଶିକ୍ଷୟିତ୍ରୀ ପାର୍ବତୀ ମାଝୀ, ଅଭିଷେକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଦୌଡ଼କୁଦ ପାଇଁ ୨୪୦ ଛାତ୍ରୀ ଛାତ୍ର ନାମ ପଞ୍ଜୀକରଣ କରିଥିଲେ। ବୁଧବାର ଫୁଟବଲ, ଗୁରୁବାର କ୍ରିକେଟ, ଶୁକ୍ରବାର ଭଲିବଲ ଓ ସୋମବାର ବ୍ୟାଡମିଣ୍ଟନ ପ୍ରତିଭା ଚୟନ କରାଯିବ। ଖେଳାଳିଙ୍କ ବୟସ ସୀମା ୯ରୁ ୧୫ ବର୍ଷ କରାଯାଇଛି। ଜଣେ ପ୍ରତିଯୋଗୀ ଗୋଟିଏ କ୍ରୀଡ଼ାରେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ଦିନଦ୍ୱିପ୍ରହରରେ ବାଇକ୍ ଲୁଟ୍

ପାଣିକୋଇଲି,୫।୮ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ରାଇସମିଲ ନିକଟ ପଟେଲ ମାର୍ବଲ ଦୋକାନ ସମ୍ମୁଖରୁ ମଙ୍ଗଳବାର ଦିନଦ୍ୱିପ୍ରହରରେ ଏକ ବାଇକ ଲୁଟ୍ ହୋଇଛି। ଏନେଇ ବାଇକ୍ ମାଲିକ ଯାଜପୁର ସଦର ଥାନା ଅନ୍ତର୍ଗତ କଳିନ୍ଦ୍ରାବାଦ ଗ୍ରାମର କୈବଲ୍ୟ ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ବାଇକ ନଂ.(ଓଡି୦୪ଇ ୮୮୨୩)କୁ ମାର୍ବଲ ଦୋକାନ ସମ୍ମୁଖରେ ରଖି ଦୋକାନର ରଙ୍ଗ କାମ କରୁଥିଲେ। ଦୁଇ ଯୁବକ ପାଣିକୋଇଲି ପଟୁ ଏକ ବାଇକରେ ଆସି ମାର୍ବଲ ଦୋକାନ ପାଖରେ ଅଟକିଥିଲେ। ଏହାପରେ ବାଇକରୁ ଜଣେ ଓହ୍ଲାଇଥିଲେ। ଅନ୍ୟଜଣେ ବାଇକଟିକୁ ବୁଲାଇ ପୁଣି ପାଣିକୋଇଲି ପଟକୁ ମୁହଁ କରି ଛିଡ଼ା ହୋଇଥିଲେ। ଓହ୍ଲାଇଥିବା ଯୁବକ ଜଣକ ମାର୍ବଲ ଦୋକାନ ସମ୍ମୁଖରେ ଥିବା ବାଇକର ଚାବି ଭାଙ୍ଗି ଆଖି ପିଛୁଳାକେ ନେଇ ପଳାଇଥିଲେ। କୈବଲ୍ୟ ଏହା ଦେଖି ଦୋକାନ ଓପରତାଲାରୁ ଦୌଡ଼ି ଆସି ଏକ ବାଇକରେ ଯୁବକମାନଙ୍କ ପିଛା କରିଥିଲେ। ହେଲେ ସେମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ। ସମ୍ପୂର୍ଣ୍ଣ ଘଟଣାଟି ସିସିଟିଭି ଫୁଟେଜରେ କଏଦ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି।

# ରାସ୍ତାରେ ଅଟକାଇ ୨ ଜଣଙ୍କୁ ମାଡ଼

ପାଣିକୋଇଲି,୫।୮ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ସାହାପୁର ଟ୍ରକ ଟର୍ମିନାଲ ନିକଟରେ ସୋମବାର ରାତିରେ ଦୁଇଜଣଙ୍କୁ ଅଟକାଇ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସେମାନେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତ ମଳପଡା ଗ୍ରାମର ଜିତେନ୍ଦ୍ର ଯେନା ଓ ସିନୁ ଯେନା। ଉଭୟ ପାଣିକୋଇଲିସ୍ଥିତ ପଣ୍ଡା ସାନିଟାରିରେ କାମ କରନ୍ତି। ରାତି ୧୦ଟା ବେଳେ କାମ ସାରି ଏକ ବାଇକ ଯୋଗେ ଘରକୁ ଫେରୁଥିଲେ। ସାହାପୁର ଟ୍ରକ ଟର୍ମିନାଲ ନିକଟରେ ପାଣିକୋଇଲି ଥାନା ଗୋଳେଇପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମର ପ୍ରାୟ ୮ଜଣ ସେମାନଙ୍କୁ ଅଟକାଇଥିଲେ। ଏତେ ରାତିରେ କୁଆଡ଼େ ଯାଉଛ କହି ଗାଳିଗୁଲଜ କରିଥିଲେ। ଜିତେନ୍ଦ ଓ ସିନୁ ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ। ଜିତେନ୍ଦ୍ର ଓ ସିନୁ ଆହତ ହୋଇ ମଧୁବନ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ମଙ୍ଗଳବାର ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

# ଇନରହୁଇଲ କ୍ଲବ ତରଫରୁ ସିଲେଇ ମେଶିନ, ଛତା ବଣ୍ଟନ



ଇନରହୁଇଲ କ୍ଲବ ତରଫର ଜଣେ ମହିଳାଙ୍କୁ ସିଲେଇ ମେଶିନ୍ ପ୍ରଦାନ କରାଯାଉଛି।

ଧର୍ମଶାଳା,୫।୮ (ବଟକୃଷ୍ଣ ପରିଡ଼ା)

ଜାରକା ଇନରହୁଇଲ କ୍ଲବ ତରଫରୁ ଧର୍ମଶାଳା ବ୍ଲକ ଅଧୀନ ଦେଓଦା ପଞ୍ଚାୟତର ମାଝିପାଟଣା ଗ୍ରାମରେ ଅସହାୟ ଲୋକଙ୍କୁ ଛତା ବଣ୍ଟନ କରାଯାଇଛି। କ୍ଲବ୍ ସଭାପତି ଲୋପାମୁଦ୍ରା ଷେଣ୍ଡ ଓ ସମ୍ପାଦକ ପ୍ରଭାତନଳିନୀ ସାହୁଙ୍କ ନେତୃତ୍ୱରେ ସଦସ୍ୟାମାନେ ଗ୍ରାମରେ ପହଞ୍ଚି ୩୦ ଛତା ବଣ୍ଟନ କରିଥିଲେ।

ସେହିପରି ବ୍ଲକ ଅଧୀନ ଚୋରମୁହାଁ ଗ୍ରାମର ଜଣେ ଗରିବ ଅସହାୟ ମହିଳା ଗାୟତ୍ରୀ ବାରିକଙ୍କୁ କ୍ଲବ ତରଫରୁ ସିଲାଇ ମେସିନ ସହ ୨ ମାସ ପାଇଁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଗାୟିତ୍ରୀଙ୍କ ସ୍ୱାମୀ ୧୨ ବର୍ଷ ପୂର୍ବେ ଉଚ୍ଚ ରକ୍ତଚାପ ଯୋଗୁ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଫଳରେ ଗାୟତ୍ରୀଙ୍କୁ ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଏହି କାର୍ଯ୍ୟକ୍ରମରେ କ୍ଲବ ତରଫରୁ ସଦସ୍ୟା ମିନତି ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡ଼ା, ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ, ବିଶ୍ୱାମିତ୍ରା ସାହୁ, କାଦମ୍ବିନୀ ମିଶ୍ର ଓ ସରୋଜିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଡେରାବିଶ, ୫।୮ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ମୁକୁନ୍ଦପୁର ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଗ୍ରାମର ଗୋପୀନାଥ ଦାସଙ୍କ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁଚାହୁଁ ଗୋପୀନାଥଙ୍କ ୨ ବଖରା ସମେତ ଗୁହାଳ ପୋଡ଼ିଯାଇଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଗୋରୁଙ୍କୁ ଉଦ୍ଧାର କରିଥିଲେ ହେଁ ଘରୁ ଅନ୍ୟ କୌଣସି ଜିନିଷ ବାହାର କରିପାରି ନ ଥିଲେ। ଡେରାବିଶ ଓ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗର ୨ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଏହା ଘଟିଥିବା କୁହାଯାଇଛି। ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ଗୋପୀନାଥଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୃମି ବଟିକା ବଣ୍ଟନ ଉପରେ ତାଲିମ ଶିବିର

ରସୁଲପୁର,୫।୮ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର କୃମି ନାଶ ଦିବସ ପାଳନ ଉପଲକ୍ଷେ ୩ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରଶ୍ମୀରଞ୍ଜନ ପଶାୟତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସମ୍ବଳ ଅଧିକାରୀ ଭାବରେ ଡାକ୍ତର ବସନ୍ତ କୁମାର ପଣ୍ଡା ଯୋଗଦେଇ ଶିବିରାର୍ଥୀଙ୍କୁ ଦିବସର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବୁଝାଇଥିଲେ। ବର୍ଷକୁ ୨ଥର ଅର୍ଥାତ ଫେବୃଆରୀ ଓ ଅଗଷ୍ଟରେ କୃମି ନାଶ ଦିବସ ପାଳନ କରାଯାଏ। ଅଗଷ୍ଟ ୧୦କୁ କୃମି ନାଶ ଦିବସ ଭାବରେ ପାଳନ କରାଯାଇଥାଏ। ଏଥର ଉକ୍ତ ଦିବସଟି ସରକାରୀ ଛୁଟି ଦିନ ରହୁଥିବାରୁ ଚଳିତ ମାସ ୧୨ ତାରିଖରେ ଏହି ଦିବସ ପାଳନ କରାଯିବ ବୋଲି ଶିବିର ଜରିଆରେ ସୂଚନା ଦିଆଯାଇଛି। ଏହି ଦିବସରେ ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭ କରି କଲେଜ ପଢୁଆ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମି ନାଶ ବଟିକା ପ୍ରଦାନ କରାଯିବ। ଏହାଛଡ଼ା ୧୯ରୁ ୨୪ ବର୍ଷର ମହିଳାଙ୍କୁ ଅଙ୍ଗନୱାଡିକର୍ମୀଙ୍କ ସହାୟତାରେ ବଟିକା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଶିବିରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ/ଶିକ୍ଷକ, କ୍ଲଷ୍ଟରସ୍ତରରେ କାର୍ଯ୍ୟରତ ସିଆରିସିସି, କଲେଜର ଅଧ୍ୟାପିକା/ଅଧ୍ୟାପକ ଯୋଗଦେଇ ପ୍ରଶିକ୍ଷଣ ନେଉଛନ୍ତି। ଶିବିରାର୍ଥୀଙ୍କୁ କୃମି ନାଶ ବଟିକା ପ୍ରଦାନର ପ୍ରଣାଳୀ ଓ ମାତ୍ରା ସମ୍ପର୍କରେ ଅବଗତ କରାଯାଉଛି। ଏହାଛଡ଼ା କେଉଁ ବର୍ଗର ଓ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଏହି ବଟିକା ସେବନ କରିପାରିବେ ନାହିଁ ସେ ଦିଗରେ ସ୍ପଷ୍ଟ ଭାବରେ ବୁଝାଇ କୁହାଯାଉଛି। ଶିବିର ଜରିଆରେ ଗୁରୁତ୍ୱ ଦିଆଯାଇଥିବା ପ୍ରସଙ୍ଗକୁ ଶିବିରାର୍ଥୀ ସେମାନଙ୍କ କାର୍ଯ୍ୟ ପରିସରରେ ଠିକ୍ ଭାବରେ ବ୍ୟବହାର କରିପାରିଲେ ସରକାରଙ୍କ ଲକ୍ଷ୍ୟସାଧାନ ହୋଇପାରିବ ବୋଲି ସମ୍ବଳ ଅଧିକାରୀ ଡାକ୍ତର ପଣ୍ଡା ମତ ଦେଇଛନ୍ତି।



ଶିବିରରେ ତାଲିମ ପ୍ରଦାନ କରାଯାଉଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

ସିଆର୍‌ପି ସିଏସ୍ଏ – XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
| --- | --- |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ସିଆର୍‌ପି ସିଏସ୍ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ — ନିର୍ଦ୍ଦେଶକ

# ବୈତରଣୀରେ ଧସିଲା ୧୦୦ ଫୁଟର ଅତଡ଼ା



ଦଶରଥପୁର,୫।୮ (ସୁଶାନ୍ତ କୁମାର ବେହୁରିଆ): ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକ ଅନ୍ତର୍ଗତ ନଦୀକୂଳ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ବିଭିନ୍ନ ସମୟରେ ବୈତରଣୀର ଡାହାଣ ପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ ନିମନ୍ତେ ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ବିପଦସଂକୁଳ ପାଲଟିଛି। ଯାହାର ଉଦାହରଣ ଦଶରଥପୁର ବ୍ଲକ ଅଧୀନ କୟାଁ ପଞ୍ଚାୟତର ଗୁଣ୍ଡୁଣିପଡା ଗ୍ରାମ ନିକଟରେ ଦେଖିବାକୁ ମିଳିଛି। ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁ ଗୁଣ୍ଡୁଣିପଡା ଗ୍ରାମ ନିକଟ ବନ୍ଧ ନିକଟରୁ ପ୍ରାୟ ୧୦୦ଫୁଟର ଅତଡ଼ା ଖସିପଡ଼ିଛି। ଏହା ଗ୍ରାମବାସୀଙ୍କ ସମେତ ଆଖ ପାଖ ୨୦ ଗ୍ରାମ ପ୍ରତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ଖବରପାଇ ଅପରାହ୍ନରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଂଚି ସ୍ଥିତି ପରଖିଛନ୍ତି। ଗତ କିଛି ଦିନ ପୂର୍ବରୁ ନୂଆପାଟଣା ନିକଟରେ ପ୍ରାୟ ୧୫୦ ଫୁଟର ଅତଡ଼ା ଖସି ଦଶରଥପୁର ବାସୀଙ୍କ ପାଇଁ ବିପଦ ପାଲଟିଥିଲା। ଜଳସେଚନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଥିଲା। ମାତ୍ର ବାରମ୍ବାର ନଦୀରେ ବନ୍ଧ ଧସିବା ଯୋଗୁ ଦଶରଥପୁରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(କି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍‌ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **ଟେଣ୍ଡର ବିଜ୍ଞପ୍ତି ନଂ.:** ଇଲେକ୍ଟ୍-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, **ତାରିଖ:** ୦୪।୦୮।୨୦୨୫। **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୩,୨୯,୯୭,୦୧୫.୭୨। **ଇଏମ୍‌ଡି/ବିଡ୍ ଅମାନତ:** ₹୩,୧୫,୦୦୦। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୨୭।୦୮।୨୦୨୫। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି। (PR-484)

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified
ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➤ TRADE APPRENTICES (ITI Passed out) : 440 ➤ TECHNICIAN APPRENTICES (Diploma Passed out) : 271 ➤ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

# ପଟ୍ଟାମୁଣ୍ଡାଇ, ଗୋବରୀ କେନାଲକୁ ୟୁ ଭଳି ଖୋଳାଯାଉ

■ କେନାଲରେ ନୌକାବିହାର ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ
■ ଲକ୍ କାର୍ଯ୍ୟକାରୀ ହେଲେ କ୍ଷେତ ଶସ୍ୟଶ୍ୟାମଳା ହେବ

ପଟ୍ଟାମୁଣ୍ଡାଇ,୫।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ଭିତରକନିକାକୁ ଦୈନିକ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏହି ପର୍ଯ୍ୟଟନସ୍ଥଳର ମୁଖ୍ୟ ପ୍ରବେଶ ପଥ ପଟ୍ଟାମୁଣ୍ଡାଇ ସହର ହୋଇଥିବାବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ସେପରି କିଛି ନାହିଁ। ଫଳରେ ପର୍ଯ୍ୟଟକମାନେ ପଟ୍ଟାମୁଣ୍ଡାଇ ଦେଇ ଯାତାୟାତ କରୁଥିଲେ ମଧ୍ୟ ସହର ପ୍ରତି ଧ୍ୟାନ ଦେଉନାହାନ୍ତି। ବର୍ତ୍ତମାନ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛନ୍ତି। ଯଦି ପଟ୍ଟାମୁଣ୍ଡାଇ ସହର ପାର୍ଶ୍ୱ ଦେଇ ଯାଇଥିବା ପଟ୍ଟାମୁଣ୍ଡାଇ-ଗୋବରୀ କେନାଲକୁ ୟୁ(U) ଭଳି ଖୋଳାଯାଇ ଉଭୟପାର୍ଶ୍ୱ ବନ୍ଧରେ ବନୀକରଣ କରାଯାନ୍ତା, ତେବେ ଏଠାରେ ହୋଟେଲ ଶିଳ୍ପ ଗଢ଼ି ଉଠିବା ସହ ପରିବେଶର ଶୋଭା ସୌନ୍ଦର୍ଯ୍ୟ ଦ୍ୱିଗୁଣ ହୁଅନ୍ତା। ଏହାର ମଧ୍ୟସ୍ଥଳ କୃତ୍ରିମ ହ୍ରଦ ଭଳି ହେଲେ ପର୍ଯ୍ୟଟକମାନେ ନୌକାବିହାରର ମଜା ମଧ୍ୟ ନେଇପାରିବେ। କିଛି ନ ହେଲେ ବି କଟକ-ତାଳଦଣ୍ଡା କେନାଲ ଭଳି ଏହା କରାଗଲେ ପର୍ଯ୍ୟଟକମାନେ ଆକୃଷ୍ଟ ହୁଅନ୍ତେ। ଏହାକୁ ଉପଭୋଗ କରିବାକୁ ପର୍ଯ୍ୟଟକମାନେ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକଟ କରନ୍ତେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ପୂର୍ବତନ ବିଧାୟକ ତାପସ ଦାସ, ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ, କଂଗ୍ରେସ ନେତା ମଳୟ ଦାସ, କୃଷକ ନେତା ବିଜୟ ଦାସ, ଦାଶରଥି ସାହୁ କହିଛନ୍ତି, ଜଳସେଚନ ଓ ବାଣିଜ୍ୟ କାରବାରର ଏକମାତ୍ର ବିକଳ୍ପ ଓଡ଼ିଶାର ସର୍ବପୁରାତନ ପଟ୍ଟାମୁଣ୍ଡାଇ ମେନ୍ କେନାଲକୁ ଲାଗିଥିବା ଗୋବରୀ ସମ୍ପ୍ରସାରିତ କେନାଲ ଅତୀତରେ ଆମଦାନୀ, ରପ୍ତାନି, ପରିବହନ ଓ ଆର୍ଥିକ ସ୍ଥିତି ନିର୍ଭର କରୁଥିଲା। ଉତିକଣ ଅଞ୍ଚଳର ଭାତହାଣ୍ଡି କଥା ବି ବୁଝୁଥିଲା। ହେଲେ ଏହି କେନାଲ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ଗୋବରୀ ସମ୍ପ୍ରସାରିତ କେନାଲ ୟୁ' ଭଳି ହୋଇ ପଟ୍ଟାମୁଣ୍ଡାଇ ପୋଲ ପାଖରୁ ବାହାରି ବାମପାଖ ଅଳଭା ଲକ୍ ବ୍ରାହ୍ମଣୀ ଓ ଦକ୍ଷିଣ ପାର୍ଶ୍ୱ ଗଣ୍ଡାକିଆ ଗୋବରୀ ଲକ୍‌ରେ ମିଶିଛି। ପାଖାପାଖି ୩୨ ମିଟର ଚଉଡ଼ା, ସାଢ଼େ ୧୩ କିମି ଲମ୍ବ କେନାଲ ଅଳଭା ଲକ୍ ଦେଇ ବାହ୍ମଣୀ ନଦୀ ସହ ସଂଯୋଗ ହୋଇ ଗଣ୍ଡାକିଆଠାରେ ଗୋବରୀ ସହ ମିଶିଛି। ଏହି କେନାଲ ସେତେବେଳେ କ୍ଷେତକୁ ଜଳସେଚନର ମୂଳାଧାର ପାଲଟି ଲୋକଙ୍କ ଜୀବନ ଜୀବିକାର କଥା ବୁଝୁଥିଲା। ସମୟ ବଦଳିବା ସାଙ୍ଗକୁ ପରିବହନ ଓ ଯାତାୟାତ ସ୍ଥଳପଥରେ ହେଲା। ପରେ ଏହି କେନାଲକୁ ଅବହେଳା କରାଯିବା ସହ ୨୦୧୮ରେ ସଙ୍କୁଚିତ କରିଦିଆଗଲା। ଅଳଭା, ଗଣ୍ଡାକିଆ ଲକ୍‌କୁ ମଧ୍ୟ ପୋତି ଦିଆଗଲା। କେନାଲ ଏବେ ତାହାର ଅସ୍ତିତ୍ୱ ହରାଇବାକୁ ବସିଛି। ଏବେ କେନାଲ ପାଣିରେ ଏକ ଫସଲି ଚାଷ ହେଉଛି। ରାଜ୍ୟ ସରକାର ଯଦି ଅଳଭା ଓ ଗଣ୍ଡାକିଆ ଲକ୍‌କୁ କାର୍ଯ୍ୟକାରୀ କରି ବ୍ରାହ୍ମଣୀ ନଦୀ ସହ ଗୋବରୀ ନଦୀ ସଂଯୋଗ କରାନ୍ତେ, ତେବେ ଉତିକଣ ଚାଷଜମିକୁ ୧୨ ମାସଯାକ ପାଣି ଯାଆନ୍ତା। ଏହାସହ ପର୍ଯ୍ୟଟନସ୍ଥଳୀ ଭୂସ୍ୱର୍ଗ କଶ୍ମୀରର ଡାଲ୍ ହ୍ରଦ ଭଳି ଏହାର ଦୁଇପାର୍ଶ୍ୱ ବନ୍ଧ ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ଼ ଓ ମନୋରମ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ ସହ ଏକ ନିଆରା ପରିବେଶ ସୃଷ୍ଟି ହୁଅନ୍ତା। ନୌକାବିହାର କରାଗଲେ ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ବର୍ଷସାରା ଆକର୍ଷିତ କରିପାରିବ। ଏହାଦ୍ୱାରା ପଟ୍ଟାମୁଣ୍ଡାଇ ଅଞ୍ଚଳ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ଲୋକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ସୃଷ୍ଟି ହେବ।


ପଟ୍ଟାମୁଣ୍ଡାଇ ଅଳଭା ଲକ୍‌ରୁ ବାହାରିଥିବା ଗୋବରୀ କେନାଲ।

# ପଞ୍ଚାୟତ ସପ୍ଲାଏ ପାଣି ପାଇଁ ଗଣ୍ଡଗୋଳ, ଥାନାରେ ୨ ଏତଲା

ପଟ୍ଟାମୁଣ୍ଡାଇ, ୫।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ପିଇବା ପାଣି ଯୋଗାଣକୁ ନେଇ ଗଣ୍ଡଗୋଳ ଘଟି ୨ଟି ଏତଲା ହୋଇଛି। ପାଣି ପାଇଁ ଗଣ୍ଡଗୋଳ ପରେ ପ୍ରଥମେ ସରପଞ୍ଚ ୧ ତାରିଖରେ ଏତଲା ଦେଇଥିବାବେଳେ ବଳଭଦ୍ରପୁର ଗ୍ରାମର କେତେଜଣ ଲୋକ ଉକ୍ତ ଦିନର ଗଣ୍ଡଗୋଳକୁ ନେଇ ସୋମବାର ପାଲଟା ଏତଲା ଦେଇଛନ୍ତି। ପୋଲିସ ସରପଞ୍ଚଙ୍କ ଏତଲାକୁ ପଞ୍ଜୀକୃତ କରି ମାମଲା ରୁଜୁ କରିଥିବାବେଳେ ପାଲଟା ଏତଲା ଉପରେ ମଙ୍ଗଳବାର ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ବଳଭଦ୍ରପୁର ଗ୍ରାମରେ ଥିବା ଓଭରହେଡ୍ ଟାଙ୍କିରୁ ପାଇପ ଯୋଗେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣାକୁ ପାନୀୟଜଳ ଯୋଗାଣ କରାଯାଉଥିବା ବେଳେ ଗତ ୪ ଦିନ ହେଲା ପାଣି ଯୋଗାଣ ହେଉ ନ ଥିଲା। ଏ ସମ୍ପର୍କରେ ଖର୍ଦ୍ଦାପାଟଣା ଓ ଛତ୍ରଧାରୀପାଟଣା ଲୋକେ ସରପଞ୍ଚଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ସରପଞ୍ଚ ପ୍ରିୟବ୍ରତ ଓଝା ଜୁଲାଇ ୩୧ ରାତିରେ ପାଣି ପାଉ ନ ଥିବା ଉଭୟ ଗ୍ରାମର କେତେଜଣ ଲୋକଙ୍କ ସହ ପମ୍ପ୍ ହାଉସ୍ ନିକଟକୁ ଯାଇ ଚାଳକଙ୍କୁ ପମ୍ପ୍

## ପୋଲିସର ତଦନ୍ତ ଆରମ୍ଭ

ଚଳାଇବାକୁ ଖୋଜି ଥିଲେ। ମାତ୍ର ପମ୍ପ୍‌ଚାଳକ ନ ଥିବାରୁ ତାଙ୍କ ସାନଭାଇ ଚାବି ଆଣି ପମ୍ପ୍ ଚଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବଳଭଦ୍ରପୁର ଗ୍ରାମର ଜନୈକ ଯୁବକ ପମ୍ପ୍ ଚଳାଇଦେବେ ନାହିଁ ବୋଲି ଅଡ଼ି ବସିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମାତ୍ର ସମ୍ପୃକ୍ତ ଯୁବକ ସରପଞ୍ଚଙ୍କ କଥା ନ ଶୁଣି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା, ତଣ୍ଟିଆ ମାରିବା ନେଇ ସରପଞ୍ଚ ଓଝା ୧ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ସରପଞ୍ଚଙ୍କ ଏତଲା ଆଧାରରେ ନଂ.୨୭୫/୨୫ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ବଳଭଦ୍ରପୁର ଗ୍ରାମର କେତେଜଣ ଲୋକ ଥାନାରେ ସୋମବାର ପାଲଟା ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ବଳଭଦ୍ରପୁର ଗ୍ରାମର କେତେଜଣ ଲୋକ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ଗ୍ରାମର ଲୋକେ ପାଣି ପାଇବେ ନାହିଁ ବୋଲି ସେ କହିଥିଲେ। ବିନା କାରଣରେ ଗ୍ରାମର ଜଣେ ଯୁବକଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି।

# ଫାଶୀ ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

## ସୁଇସାଇଡ୍ ନୋଟ୍ ଜବତକଲା ପୋଲିସ

ମହାକାଳପଡ଼ା, ୫।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ଥାନା ଅଧୀନ ବିଜୟନଗର ଗ୍ରାମର ରତ୍ନାକର ସ୍ୱାଇଁଙ୍କ ଝିଅ ସଙ୍ଗୀତା (୧୪) ସୋମବାର ବିଳମ୍ବିତ ରାତିରେ ଶୋଇବା ଘର ଫ୍ୟାନ୍‌ରେ ଚୁନୁରିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳୁ ଘର ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଅପରାହ୍ନରେ ମହାକାଳପଡ଼ା ଅତିରିକ୍ତ ତହସିଲ୍‌ଦାର ପ୍ରଭଞ୍ଜନ ମିଶ୍ର, ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସଙ୍ଗୀତା ବିଜୟନଗର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ। ସଙ୍ଗୀତାଙ୍କ ମୃତ୍ୟୁ ଖବର ପାଇ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷରେ ସଙ୍ଗୀତାଙ୍କ ହାତଲେଖା ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (୧୧/୨୫) ରୁଜୁ ହୋଇଛି। ଅପରପକ୍ଷେ ସଂଗୀତାଙ୍କ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ ରହିଛି, ମାମା ବାବା ଆଇ ଲଭ୍ ୟୁ, କ୍ଷମା କରିବେ, ମୁଁ ଭଲ ଝିଅ ନୁହେଁ ଏଭଳି ଅନେକ ନିଜର ପୂର୍ବ ସ୍ମୃତି ବିଷୟରେ ମନ କଥା ଲେଖିଛନ୍ତି। ଶେଷରେ ମୋତେ ଭୁଲିଯିବେ। ଏ ସଂକ୍ରାନ୍ତରେ ଆଇଆଇସି ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରେ ଝିଅର ଏକ ହାତଲେଖା ଚିଠି ଜବତ ହୋଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ସେ କହିଛନ୍ତି।

# ବାପାଙ୍କ ଶୁଦ୍ଧିକ୍ରିୟାରେ ଅର୍ଥ ବାଧକ: ସାହାଯ୍ୟ ପାଇଁ ୨ ଝିଅଙ୍କ ନିବେଦନ

ମାର୍ଶାଘାଇ, ୫।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବାପାଙ୍କ ମୃତ୍ୟୁକୁ ୭ ଦିନ ହେଲାଣି। ନିଜର ନୁଆଁଣିଆ ଚାଳଘର, ଜମିବାଡ଼ି କିଛିନାହିଁ। ବାପାଙ୍କ ଦଶାହ ଓ ଏକାଦଶ କାର୍ଯ୍ୟ ଲାଗି ପାଖରେ ଅର୍ଥ ନାହିଁ। କେମିତି ଶୁଦ୍ଧିକ୍ରିୟା କରିବୁ ବୋଲି ମୃତକଙ୍କ ଦୁଇ ନାବାଳିକା ଝିଅ କୋହଭରା କଣ୍ଠରେ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତର ପକ୍ଷୋଟ ଗାଁରେ। ଉକ୍ତ ଗ୍ରାମର ପ୍ରଭାତ ଦାସ (୪୭) ଦୀର୍ଘବର୍ଷ ଧରି ଛତିଶଗଡ଼ରେ ଏକ ହୋଟେଲରେ କାମ କରୁଥିଲେ। ସେଠାରେ ତାଙ୍କର ହୃଦ୍‌ଘାତ ହେବାରୁ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ପ୍ରଭାତଙ୍କ ମୃତ୍ୟୁ ପରେ ପରିବାର ଲୋକେ ବେସାହାରା ହୋଇପଡ଼ିଛନ୍ତି। ତାଙ୍କ ବଡ଼ଝିଅ ଶ୍ରଦ୍ଧାଞ୍ଜଳି ନବମ ଓ ସାନ ଝିଅ ସନ୍ଧ୍ୟାରାଣୀ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ସ୍ତ୍ରୀ ମାନସିକ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଛି।


ମୃତ ପ୍ରଭାତ ଦାସଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

# ବିଧି ମୁତାବକ ହେବ ମା'ଙ୍କ ନବରାତ୍ର ପୂଜା

## ରାଜକନିକା ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରଥମ ସାଧାରଣ ବୈଠକ


ବୈଠକରେ ଯୋଗଦେଇଥିବା ଦୁର୍ଗାପୂଜା କମିଟିର ସଦସ୍ୟମାନେ।

ରାଜକନିକା, ୫।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ସର୍ବପୁରାତନ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତବର୍ଷ ୬୬ତମ ପୂଜା ଉତ୍ସବ କନିକେଶ୍ୱରୀ ଦୁର୍ଗାପୂଜା ମଣ୍ଡପରେ ଆୟୋଜନ ହେବ। ଏଥିଲାଗି ପ୍ରଥମ ସାଧାରଣ ବୈଠକ ପୂଜା ଓ ଯାତ୍ରା କମିଟିର ସଭ୍ୟମାନଙ୍କୁ ନେଇ ସୋମବାର ସନ୍ଧ୍ୟାରେ ମା' କନିକେଶ୍ୱରୀ ଦୁର୍ଗାଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ କମିଟିର ବରିଷ୍ଠ ସଦସ୍ୟ ଧ୍ରୁବ ଚରଣ ବିଶ୍ୱାଳଙ୍କ ପରଲୋକରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ମା'ଙ୍କ ପୂଜା ନୀତିକାନ୍ତି ବିଧିମୁତାବକ ଓ ଯାତ୍ରା ସୁଚାରୁରୂପେ ସମ୍ପାଦନ ହେବା ନେଇ ଉପସ୍ଥିତ ସଭ୍ୟମାନଙ୍କୁ ସଭାପତି ଶପଥପାଠ କରାଇଥିଲେ। ସମ୍ପାଦକ କପିଳେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ପୂର୍ବକ ପୀଠରେ ବିଧିମୁତାବକ ମା'ଙ୍କ ନବଦିନାତ୍ମକ ନବରାତ୍ର ପୂଜା ଓ ନୀତିକାନ୍ତି ଆଦି ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୨ ଦଶହରାରେ ପୂର୍ଣ୍ଣାହୁତି ହେବ ବୋଲି କହିଥିଲେ। ସେହିପରି ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମରେ କୋଣାର୍କ ଗଣନାଟ୍ୟ ଦ୍ୱାରା ସେପ୍ଟେମ୍ବର ୨୯ରୁ ଯାତ୍ରା ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ୧୧ ଦିନ ଧରି ହେବାକୁଥିବା ଏହି ପୂଜା ଉତ୍ସବ ଶାନ୍ତିଶୃଙ୍ଖଳାରେ ସମ୍ପାଦନ ଲାଗି ବୈଠକରେ ସଭ୍ୟାସଭ୍ୟମାନଙ୍କୁ ନିବେଦନ କରିଥିଲେ। କମିଟିର ବରିଷ୍ଠ ଉପଦେଷ୍ଟା ବେଣୁଧର ପରିଡ଼ା, କୋଷାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପ୍ରାଣବନ୍ଧୁ ରାଉତ, କବିପ୍ରସାଦ ପାତ୍ର, ସଞ୍ଜୟ କୁମାର ଦାଶ, ଶରତ ମଲ୍ଲିକ, ପ୍ରଦୀପ୍ତ କୁମାର ପରିଡ଼ା, ଧର୍ମଜ୍ୟୋତି ରାଉତ, ସରୋଜ ସେନାପତି, ବିଶ୍ୱନାଥ ଦାଶ, ରାଜକିଶୋର ପରିଡ଼ା, ରମେଶ ଚନ୍ଦ୍ର ପରିଡ଼ା, କୁଳମଣି ବେହେରା, ଅଜୟ ରାଉତ, ଆତ୍ମାଜ୍ୟୋତି ରାଉତ, ଅନ୍ତର୍ଯ୍ୟାମୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ମନୋଜ ସେନାପତି ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମଲ୍ଲିକ ସୂଚନା ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

ପାଟକୁରା, ୫।୮ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ସଦ୍‌ଭାବନା ଗୃହରେ ମଙ୍ଗଳବାର କାନାଡ଼ା ବ୍ୟାଙ୍କର ନୂଆପଡ଼ା ଶଖା ପକ୍ଷରୁ ସଚେତନତା ଶିବିର ଆୟୋଜନ କରାଯାଇଛି। ଜନ ସୁରକ୍ଷା ଯୋଜନା ଅଧୀନରେ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ ନାମରେ ଏହି ଶିବିରରେ ମିଶନ ଶକ୍ତି ମହିଳାଙ୍କୁ ଆର୍ଥିକ ପରିଚାଳନା ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା। ବ୍ୟାଙ୍କ ଦ୍ୱାରା ବିଭିନ୍ନ ସରକାରୀ ଯୋଜନାକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, ସାଇବର ଠକାମିଠାରୁ ହିତାଧିକାରିଣୀଙ୍କୁ ଦୂରରେ ରଖିବା ବାବଦରେ କୁହାଯାଇଥିଲା। ନିୟମିତ ଋଣ କାରବାର ସାଙ୍ଗକୁ ପରିଶୋଧ କରି ନିଜକୁ ଆର୍ଥିକ ସ୍ୱାବଲମ୍ବୀ କରିବା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କରେ ସଞ୍ଚୟ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା, ଅଟଳ ପେନ୍‌ସନ ଯୋଜନା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବନ୍ଧକ ରାଜେଶ ସାମନ୍ତରାୟ ଜନସାଧାରଣଙ୍କ ଆର୍ଥିକ ଅଭିବୃଦ୍ଧିରେ ବ୍ୟାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ନୂଆପଡ଼ା ଶାଖା ପରିଚାଳକ ନୃସିଂହ ଚରଣ ଭୂୟାଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें / Scan to visit Website

ସିଆର୍‌ପି ସିଏସ୍‌ଏ – XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ — ନିର୍ଦ୍ଦେଶକ

# ଜଳିଗଲା ଟ୍ରେଲର



ମାର୍ଶାଘାଇ,୫।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଶିଳିପୁର ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଚଳନ୍ତା ଟ୍ରେଲରରେ ନିଆଁ ଲାଗି ଜଳିଯାଇଛି। ଉକ୍ତ ଟ୍ରେଲରଟି ଝାଡ଼ଖଣ୍ଡରୁ ପାରାଦୀପ ଯାଉଥିବା ଜଣାପଡ଼ିଛି। ଚାଲୁଥିବା ଅବସ୍ଥାରେ ଟ୍ରେଲରର ଇଞ୍ଜିନରେ ନିଆଁ ଲାଗିଥିବା ଚାଳକ କହିଛନ୍ତି। ଖବରପାଇ ମାର୍ଶାଘାଇ ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରେଲରରେ କିଛି ଜିନିଷ ନ ଥିବାବେଳେ ପାରାଦୀପ ଶିଳ୍ପାଞ୍ଚଳ କିମ୍ବା ବନ୍ଦରରୁ କୌଣସି ଭାରି ସାମଗ୍ରୀ ଆଣିବାକୁ ଯାଉଥିବା ସୂଚନା ମିଳିଛି।

# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଡେରାବିଶ, ୫।୮ (ବେବର୍ତ୍ତା ଅଜୟ ଦାସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ମୁକୁନ୍ଦପୁର ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଭସ୍ମୀଭୂତ ହୋଇଯାଇଛି। ଗ୍ରାମର ଗୋପୀନାଥ ଦାସଙ୍କ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁଚାହୁଁ ଗୋପୀନାଥଙ୍କ ୨ ବଖରା ସମେତ ଗୁହାଳ ପୋଡ଼ିଯାଇଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଗୋରୁଙ୍କୁ ଉଦ୍ଧାର କରିଥିଲେ ହେଁ ଘରୁ ଅନ୍ୟ କୌଣସି ଜିନିଷ ବାହାର କରିପାରି ନ ଥିଲେ। ଡେରାବିଶ ଓ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗର ୨ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ହେଁ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଏହା ଘଟିଥିବା କୁହାଯାଉଛି। ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ଗୋପୀନାଥଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(କି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫। କାର୍ଯ୍ୟର ନାମ: ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା। ଟେଣ୍ଡର ମୂଲ୍ୟ: ₹୩,୨୯,୯୭,୦୧୫.୭୨। ଇଏମ୍‌ଡି/ବିଡ୍ ଅମାନତ: ₹୩,୧୫,୦୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୭।୦୮।୨୦୨୫। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି। (PR-484)

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified
ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

## ସଂକ୍ଷେପରେ

### ୪୨ କିଲୋ ଗଞ୍ଜେଇ, ୧୨୦ ଲିଟର ମଦ ଜବତ

ଖଜୁରୀପଡ଼ା,୫।୮( ବିଦୁର ବେହେରା)– ଫୁଲବାଣୀରୁ ଭୁବନେଶ୍ୱର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଓଆଇସି ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଖଜୁରୀପଡ଼ା ନିକଟସ୍ଥ ଗଡପଦରଠାରେ ଛକି ବସିଥିଲା। ଗଞ୍ଜେଇ ବେପାରୀମାନେ ଅବକାରୀ ବିଭାଗ ଗାଡ଼ି ଦେଖି ଗାଡ଼ି ଛାଡ଼ି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଏହାକୁ ତଲାସିବାରୁ ସେଥିରୁ ୪୨ କେଜି ଗଞ୍ଜେଇ ମିଳିଥିଲା। ଏ ନେଇ ନଂ. ୮୩/୨୦୨୫–୨୬ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଅନିଲ କୁମାର, ସମୀର ରଞ୍ଜନ ଭୋଇ, ସଚିନ ଗୁରୁ ସାମିଲ ହୋଇଥିଲେ। ସେହିପରି ଅବକାରୀ ବିଭାଗ କର୍ମଚାରୀମାନେ ନିକଟସ୍ଥ ଗୁଦାରୀ ଗାଁରେ ଚଢ଼ାଉ କରି ୧୨୦ ଲିଟର ଦେଶୀ ଜବତ କରିଛନ୍ତି। ଏହି ସମୟରେ ୨୫୦ କେଜି ମହୁଲ ପୋଚ ନଷ୍ଟ କରିଥିଲେ। ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକ ସାମିଲ

କବିସୂର୍ଯ୍ୟନଗର, ୫।୮(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଆଠଗଡ଼ପାଟଣା ସ୍ଥିତ ମା' ଛିନ୍ନମସ୍ତାଙ୍କ ପୀଠଠାରେ ଅଟଳ ଯୁବ ବାହିନୀ ଦ୍ୱାରା 'ମା ପାଇଁ ଗଛଟିଏ '' ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୌରହିତ୍ୟରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ମାର୍ଗଦର୍ଶନରେ ଶତାଧିକ ଯୁବପିଢ଼ି ୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରିଥିଲେ । ଯୁବନେତା ସୀତାରାମ ପାଣିଗ୍ରାହୀ, ଚନ୍ଦ୍ରଶେଖର ପ୍ରଧାନ, ରାମ ପ୍ରସାଦ ମହାରଣା, ଅଶୋକ କୁମାର ଜେନା, ପିତାମ୍ବର ସେଠିଙ୍କ ସମେତ ଏମ୍‌ପି ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ, ଅଟଳ ଯୁବସେନା, ସମାଜିକ କର୍ମୀ, କର୍ମକର୍ତ୍ତା ମିଶି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଫୁଟବଲ ପ୍ରତିଯୋଗିତା, ସିଏସ୍ କ୍ଲବ ଟିମ ବିଜୟୀ

ବାଲିଗୁଡା,୫।୮ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ୍ରୀଡା ସଂସଦ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଫୁଟବଲ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଚତୁର୍ଥ ଦିନର ଏହି ଖେଳରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ କ୍ରୀଡ଼ାବିତ କାଳିନ୍ଦୀ ଚରଣ ପଣ୍ଡା ଓ ସୁଧୀର କୁମାର ଦୀପ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରି ୨ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ସମ୍ପାଦକ ଡ଼. ସୁଶାନ୍ତ କୁମାର ଦାସ, ଦେବବ୍ରତ ସିଂ ଦେଓ, ଏଲିଆସ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ। ଚତୁର୍ଥ ଦିନର ଖେଳ ସିଏସ କ୍ଲବ ସହ ମା ଦୁର୍ଗା କ୍ଲବ ମଧ୍ୟରେ ହୋଇଥିବା ବେଳେ ୨–୦ ଗୋଲରେ ସି ଏସ କ୍ଲବ ବିଜୟୀ ହୋଇଛି। ବାବୁ ଭାଇ, ତ୍ରିନାଥ ମଲିକ, ଦେବୀ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୧୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଫାଇନାଲ ମ୍ୟାଚ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ହେବ ବୋଲି ସଂସଦ ପକ୍ଷରୁ କୁହାଯାଇଛି।

# ଅବଧି ଶେଷ ହେଲାଣି, କାର୍ଯ୍ୟ ସରୁନି

## ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

ପାରଳାଖେମୁଣ୍ଡି,୫।୮ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲା ଗୁମ୍ମା ବ୍ଲକର ବାପନବୁଡି ଗ୍ରାମ ନିକଟରେ ଗୁମ୍ମା ଓ ରାୟଗଡ ବ୍ଲକ ପାଇଁ ଚାଲିଥିବା ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଗୁମ୍ମା ବ୍ଲକର ୧୬ଟି ଗ୍ରାମ ଓ ରାୟଗଡ ବ୍ଲକର ୨୧ଟି ପଞ୍ଚାୟତରେ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଏହି ପ୍ରକଳ୍ପର ନିର୍ମାଣ ଅବଧି ଶେଷ ହୋଇଯାଇଥିବାରୁ ଏଥିରୁ ଜଳଯୋଗାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ୯।୬।୨୦୨୩ରେ ୩୨୮.୫୪ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ କାର୍ଯ୍ୟ କରିବା ଲାଗି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୫ବର୍ଷ ପରିଚାଳନା ଓ ରକ୍ଷଣା ବେକ୍ଷଣ ପାଇଁ ମଧ୍ୟ ୫୦.୬୨ କୋଟି ଟଙ୍କା ଚୁକ୍ତିରେ ବ୍ୟବସ୍ଥା ହୋଇ ପ୍ରକଳ୍ପ କାର୍ଯ୍ୟ ତେଲଙ୍ଗାନାର ହାଇଦ୍ରାବାଦସ୍ଥିତ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ନେଇଥିଲା। ମାତ୍ର କମ୍ପାନୀ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ପେଟି କଣ୍ଟ୍ରାକ୍ଟର, ସବ୍ କଣ୍ଟ୍ରାକ୍ଟରଙ୍କୁ ବାଣ୍ଟି ଦେଇଥିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ୨ବର୍ଷ ମଧ୍ୟରେ ଶେଷ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରିନି ବୋଲି ସେମାନେ କହିଛନ୍ତି। ୨ବର୍ଷ ମଧ୍ୟରେ ପ୍ରକଳ୍ପର ମାତ୍ର ୧୦/୧୫ ପ୍ରତିଶତ କାର୍ଯ୍ୟ ହୋଇଛି। ପ୍ରକଳ୍ପ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ ବିଭିନ୍ନ ସ୍ଥାନରେ ପଡିରହିଛି। ବ୍ୟବହୃତ ଲୁହା ଛଡ ଓ ପ୍ଲାଇଉଡରେ ଉଈ ଲାଗି ନଷ୍ଟ ହେଉଛି। ତେବେ ଏହି ପ୍ରକଳ୍ପ ସମ୍ପର୍କରେ ଜିଲା ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଟପୁପା ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏହାର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଣିକି ପ୍ରତି ୧୫ଦିନରେ ଥରେ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ହେବ। ଭଲ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ କରାଯିବ। ନିର୍ମାଣ ପାଇଁ ଆଉ ଏକ ବର୍ଷ ଅଧିକ ସମୟ ନିର୍ମାଣକାରୀ ସଂସ୍ଥାକୁ ଦେଲେ ସେହି ସମୟ ମଧ୍ୟରେ କାର୍ଯ୍ୟ ନ ସରିଲେ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବେହେରା କହିଥିଲେ।

## ଅଙ୍ଗନୱାଡି କେନ୍ଦ୍ର, ମିଶନ ଶକ୍ତି ଗୃହ ଉଦ୍‌ଘାଟିତ




ଜଗନ୍ନାଥପ୍ରସାଦ,୫।୮ (ବିଭୁ ପ୍ରସାଦ ପଟ୍ଟନାୟକ)

ବିଡିପୁର ପଞ୍ଚାୟତରେ ମଙ୍ଗଳବାର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବିଭିନ୍ନ ପ୍ରକଳ୍ପ ଗୃହ ଉଦଘାଟନ କରିଛନ୍ତି। ବିଧାୟକ ପଞ୍ଚାୟତର ଭୁଶୁଣ୍ଡ ପାଳର କୋଠଘର, ବିଡିପୁର ଅଙ୍ଗନୱାଡି କେନ୍ଦ୍ର (କ) ସମେତ ମିଶନ ଶକ୍ତି ଗୃହ, ଚନ୍ଦ୍ରଶେଖର ଉଚ୍ଚ ବାଳିକା ବିଦ୍ୟାଳୟ ସ୍କୁଲ ପରିସରରେ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର(ଖ)ର ଉଦଘାଟନ କରିଥିଲେ। ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଏକ ସଭାରେ ବିଧାୟକ ନାୟକ ଯୋଗଦେଇ ସ୍କୁଲ ପାଚେରୀ, ଖେଳ ପଡିଆ, କମ୍ୟୁନିଟି ହଲ ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟା ଗୀତାରାଣୀ ବାରିକ, ବିଇଓ କଲ୍ୟାଣୀ ପାଢ଼ୀ, ରେଞ୍ଜର ସୁଜାତା ପଣ୍ଡା, ପ୍ରଧାନଶିକ୍ଷକ ପ୍ରମୋଦ ଗୌଡ଼, ବିଡିଓ ମନ୍ମଥ ମଲ୍ଲିକ, କନ୍ଧମାଳ ଏମ୍‌ପି ପ୍ରତିନିଧି ମହେନ୍ଦ୍ର ପଣ୍ଡା, ପୂର୍ବତନ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ସିଡିପିଓ ଭି ମଣିମାଳା, ଘୁମୁସର ଜିଲା ଭାଜପା ସଭାପତି ନୀଳମାଧ ପାତ୍ର, ଫକୀର ମୋହନ ଜେନା, ବିପିଏମ ବିବେକାନନ୍ଦ ମହାପାତ୍ର, ବିଏଲସି ବନମାଳୀ ସାହୁ ମଞ୍ଚାସିନ ଥିଲେ। ଗୋଷ୍ଠୀ ବିନିଯୋଗ ପାଣ୍ଠି ତରଫରୁ ଏସଏଚଜିକୁ ଋଣ ଆକାରରେ ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।

## ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ପାତ୍ରପୁର,୫।୮(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକରେ ମଙ୍ଗଳବାର ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଉଦଘାଟନ କରିଛନ୍ତି। ବ୍ଲକ ପରିସରରେ ବିଧାୟକ ୨ କୋଟିରୁ ଊର୍ଦ୍ଧ୍ୱ ଅନୁଦାନରେ ନୂତନ ଭାବେ ଗ୍ରାମ୍ୟ ପାଇପ ଜଳଯୋଗ ପ୍ରକଳ୍ପ ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହିତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନୂତନ ଭାବେ ନିର୍ମିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂତନ କୋଠାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ୱାଇ ସଞ୍ଜୁକ୍ତା ରେଡ୍ଡୀ, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବର୍ଟ ପ୍ରଧାନ, ଦିଗପହଣ୍ଡି ସହକାରୀ ଯନ୍ତ୍ରୀ ଏସ ଭୀମାରାଓ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ପାତ୍ରପୁର ସରପଞ୍ଚ ସଦାନନ୍ଦ ନାୟକ, ସାମନ୍ତିଆପଲ୍ଲୀ ସରପଞ୍ଚ ଏନ. ତିରୁପତିଙ୍କ ସହିତ ବହୁ ନେତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ପାତ୍ରପୁର ଗ୍ରାମରେ ବହୁ ଦିନ ଧରି ପିଇବା ପାଣି ସମସ୍ୟା ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଯୋଗୁଁ ତାହାର ଖସଡ଼ା ପ୍ରସ୍ତୁତ କରିବା ପାଇଁ ଗ୍ରାମବାସୀ, ବଜାର କମିଟି, ସଚେତନା ନାଗରିକ ମଞ୍ଚ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକଙ୍କ ତତ୍ତ୍ୱାବଧାନରେ ଓ ୱାଇ ସଞ୍ଜୁକ୍ତା ରେଡିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଆଗାମୀ ଦିନରେ ପାତ୍ରପୁର ଗ୍ରାମରେ ଥିବା ସମସ୍ତ ସାହି ଓ ବଜାରରେ ଥିବା ପରିମଳ ବ୍ୟବସ୍ଥା ଓ ପ୍ରତ୍ୟେକ ସାହିକୁ କିପରି ପିଇବା ପାଣି ସମସ୍ୟାର ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ନେଇ ସହକାରୀ ଯନ୍ତ୍ରୀ ଏସ. ଭୀମାରାଓ ନିଜର ବକ୍ତବ୍ୟ ରଖିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଜି.ଉଦୟଗିରି,୫।୮ (ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ବିଜ୍ଞାନୀ ଅନ୍ୱେଷଣ ନିମନ୍ତେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟନାୟକ ଯୋଗ ଦେଇଥିଲେ। ଶିଶୁ ବିଜ୍ଞାନ ମେଳାରେ ବିଭିନ୍ନ ଔଷଧୀୟ ବୃକ୍ଷ, ଗୃହପାଳିତ ପଶୁ, ଖାଦ୍ୟସାର, ଗଣିତ ପ୍ରକଳ୍ପ, ନୂତନ ପ୍ରୟୋଗ, ମୂର୍ତ୍ତିକଳା ଓ ବିଜ୍ଞାନ ପ୍ରକଳ୍ପ ସମ୍ବନ୍ଧୀୟ ସମୁଦାୟ ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବିଜ୍ଞାନ ମେଳାରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ପ୍ରତିଯୋଗୀଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ବିଦ୍ୟାମନ୍ଦିରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରତିଯୋଗିତା

ଗଞ୍ଜାମ,୫।୮ (ବିଦ୍ୟାଧର ସାହୁ)

ଆସନ୍ତା ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏନଏସି ପକ୍ଷରୁ ଆଧାତ୍ମିକ ସଙ୍ଗୀତ ଓ ଭଜନ ପ୍ରତିଯୋଗିତା ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏନଏସି ଉପନଗରପାଳ ସୁରେନ୍ଦ୍ର ବାରିକି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ସଂଗଠିକା ଅଞ୍ଜଳି ପାଢ଼ୀଙ୍କ ସଂଯୋଜନାରେ ହୋଇଥିବା ପ୍ରତିଯୋଗିତାରେ ଇଓ ଅପର୍ଣ୍ଣା ଡାଙ୍ଗୁଆ, ୱାର୍ଡନଂ ୧୦ କାଉନସିଲର ସୁଜାତା ମାହାନ୍ତି, ପି ଚନ୍ଦ୍ରଶେଖର ରେଡି, ସଂଯୁକ୍ତା ପାତ୍ର, ସବିତା ବେହେରା, ପିଆରପି ରଚନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଯଶୋଦା ମହିଳା ଡିଗ୍ରୀ କଲେଜ ଛାତ୍ରୀ, ଗଞ୍ଜାମ ଉଚ୍ଚ ବାଳିକା ବିଦ୍ୟାଳୟ ଛାତ୍ରୀ ଏବଂ ଭାରତୀ ବିଦ୍ୟାପୀଠ ସ୍କୁଲ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଫଳ କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ ବୋଲି ସିଓ ଅଞ୍ଜଳି ପାଢ଼ୀ ସୂଚନା ଦେଇଛନ୍ତି। ଅଜୟ ପଣ୍ଡା, ଉତ୍ତମ ବେହେରା, ଗୁଟୁ ମହାପାତ୍ର ପରିଚାଳନା କରିଥିଲେ।

## ଗୋଟିଏ ରାତିରେ ଏକାଧିକ ଦୋକାନରୁ ଚୋରି

### ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ଦାବି

ଦାରିଙ୍ଗବାଡି, ୫।୮ (ଅରୁଣ ସାହୁ)

ଚୋର ରାତିରେ ଚୋରି କରିବା ଦୃଶ୍ୟକୁ ସକାଳ ପାଉ ପାଉ ସମସ୍ତେ ଦେଖିଲେ ଶାବଳ ଧରି ଆସିଲା କ୍ୟାମେରାକୁ ଟିକିଏ ବୁଲାଇଦେଲା ଆଉ ପରେ ଶଟର ତାଡି ଚୋରି କଲା ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳର ବଜାର ମଧ୍ୟରେ। ଦାରିଙ୍ଗବାଡି ଥାନାଠାରୁ ମାତ୍ର ୨ ଶହ ମିଟର ଦୂରରେ ଟିଡିସିସି ପରିସରରେ ଥିବା ମାର୍କେଟ ବିଲଡିଂ, ତା'ର ସମ୍ମୁଖ ଦୋକାନ ଓ ଗୋଦାମ ଗୃହରୁ ତାଲା କାଟି ସୋମବାର ରାତିରେ ଚୋରି ହୋଇଛି। ତେବେ ଚୋରମାନେ ଦୋକାନ ଓ ଗୋଦାମର ତାଲା କାଟିଥିଲେ ମଧ ଚୋରି କରି ଜିନିଷପତ୍ର ନେଇପାରିନାହାନ୍ତି। ମୋହନ ସୁବୁଦ୍ଧିଙ୍କ ସିମେଣ୍ଟ ଛଡ଼ ଦୋକାନ ତାଲା କାଟିଥିଲେ ମଧ ଚୋରି କରିପାରି ନ ଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ କଡ଼ ବଜାର ଉପରେ ଥିବା ଜଗନ୍ନାଥ ପାଢ଼ୀଙ୍କ ରାଶନ ଦୋକାନ ତାଲା କାଟି ଚୋରି ହୋଇଛି। ସେହିପରି ଅମରେଶ ସାହୁଙ୍କ ଇଲେକ୍ଟ୍ରି ଦୋକାନ, ଲକ୍ଷ୍ମଣ ବେହେରାଙ୍କ ଚପଲ ଦୋକାନରୁ ଚୋରି ହୋଇଥିବା ଜଣାପଡିଛି। ଖବର ପାଇ ଦାରିଙ୍ଗବାଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଣେ ଦୁର୍ବୃତ୍ତଙ୍କ ଫଟୋ ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ବାହାର ରାଜ୍ୟର ବୁଲା ବିକାଳିମାନେ ବ୍ୟବସାୟ ଆଳରେ ଦାରିଙ୍ଗବାଡିରେ ଘରଭଡା ନେଇ ରହି ଦିନରେ ବୁଲା ବିକାଳି ସାଜୁଥିବା ଏବଂ ରାତିରେ ଚୋରି କରୁଥିବା ଅଭିଯୋଗ ହେଉଛି। ବଣିକ ସଂଘ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି। ଦାରିଙ୍ଗବାଡି ଅଞ୍ଚଳରେ ରାତ୍ରକାଳୀନ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଗତ ମାସ ୨୮ରେ ଶିବ ମନ୍ଦିର ସାହିରେ ୨ଟି ବାଇକ୍ ଗୋଟିଏ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରିନାହିଁ ।

# ବିପଦପୂର୍ଣ୍ଣ ଶ୍ରେଣୀଗୃହରେ ଦିଆଯାଉଛି ରଙ୍ଗ

## ଲାଣ୍ଡାଗୁଡ଼ି ପ୍ରାଥମିକ ବିଦ୍ୟାଳୟର ଦୁରବସ୍ଥା

ଦାରିଙ୍ଗବାଡ଼ି,୫।୮ (ଅରୁଣ ସାହୁ)



ଅର୍ଥ ମଞ୍ଜୁର ପରେ ରୋଷେଇ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ପରିତ୍ୟକ୍ତ ସ୍ଥାନରେ ମଧ୍ୟାହ୍ନ ଭୋଜନ ରୋଷେଇ କରି ପିଲାଙ୍କୁ ଖାଦ୍ୟ ପରସା ଯାଉଛି। ସେହିପରି ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ଦୂଷିତ ପରିବେଶରେ ଛାତ୍ରାବାସର ୪୦ଛାତ୍ର ବହୁ ଅସୁବିଧାରେ ଦିନ ବିତାଉଛନ୍ତି। ଏଭଳି ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ବ୍ଲକ୍ ଲାଣ୍ଡାଗୁଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ।

ବିଦ୍ୟାଳୟର ରୋଷେଇ ଗୃହ ସମେତ ଶୌଚାଳୟର ରୂପାନ୍ତର ପାଇଁ ୧ ଲକ୍ଷ ଟଙ୍କା ଦୀର୍ଘ ଦିନ ହେଲା ସରକାର ମଞ୍ଜୁର କରିଥିଲେ ମଧ୍ୟ ସବୁ କାମଚଳା ଭାବେ ଚାଲିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ଘର ନ ଥିବାରୁ ବାରଣ୍ଡାରେ ରୋଷେଇ ହେଉଛି। ରୋଷେଇ ବେଳେ ବୁଲା କୁକୁର, ସରୀସୃପର ଭୟ ରହିଛି। ତେଣୁ ରୋଷେଇ ସମୟରେ ଗୋଟିଏ କ୍ଷଣ ମଧ୍ୟ କୁଆଡେ ଯାଉନାହୁଁ ବୋଲି ରୋଷେୟା ସୁକାନ୍ତି ଉଠାଣସିଂ କହିଛନ୍ତି। ସେହିପରି ଶ୍ରେଣୀ କୋଠା ଅଭାବ ରହିଥିବା ବେଳେ ଗୋଟିଏ ପକ୍କା ଘର ରହିଥିବା ଶ୍ରେଣୀକୋଠା ଏବେ ଭାଙ୍ଗି ଛାତ ଭୁଶୁଡିବା ଭଳି ପରିସ୍ଥିତି ରହିଛି। ତାକୁ ମରାମତି କରାଯାଇ ନ ଥିବା ବେଳେ ପରିତ୍ୟକ୍ତ କୋଠାକୁ ବାହାର ପଟୁ ରଙ୍ଗ ମରାଯାଉଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ଆବଶକ କୋଠା ଅଭାବ ଯୋଗୁ ଏବେ ହଷ୍ଟେଲ ଭିତରେ ପିଲାଙ୍କୁ ପାଠ ପଢ଼ାଯାଉଛି। ୨ଟି ଶ୍ରେଣୀ ଥିବା ଏକ ଛାତ ଘରର ଗୋଟିଏ ଶ୍ରେଣୀ କୋଠା ଭାଙ୍ଗି ଛାତ ଭୁଶୁଡିବା ଭଳି ସ୍ଥିତି ରହିଥିବା ବେଳେ ମଧ୍ୟ ବାହାରେ ରଙ୍ଗ ଦେଇ ସରକାରୀ ଅର୍ଥକୁ ତୋଷାରପାତ କରାଯାଉଥିବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟର ସମସ୍ୟା ନେଇ ପ୍ରଧାନଶିକ୍ଷକ ରଞ୍ଜନ ରଣସିଂ କହିଛନ୍ତି ଯେ ସରକାରଙ୍କ ନିୟମ ପ୍ରକାରେ କୋଠା ରଙ୍ଗ କରାଯାଉଛି। ଭିତରେ କିନ୍ତୁ ୨ଟି ଶ୍ରେଣୀ ଗୃହରୁ ଗୋଟିଏ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସେ ସ୍ୱୀକାର କରିଛନ୍ତି। କନିଷ୍ଠ ଯନ୍ତ୍ରୀ ମନୋଜ ପୁଷ୍ଟି କହିଛନ୍ତି,ଅନୁଦାନ ରହିଛି। ଏବେ କାମ ଚାଲିଛି ଶୀଘ୍ର ଉକ୍ତ ଶ୍ରେଣୀ କୋଠାକୁ ମରାମତି କରାଯିବ ।

# ମଦଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲେ କଂଗ୍ରେସ ନେତା

ଛତ୍ରପୁର,୫।୮ (ଦିଲ୍ଲୀପ ସାମଲ)

ସହର ମଧ୍ୟରେ ଜନବସତି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଦେଶୀ ମଦ ଭାଟି ଚାଲିଛି। ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। କବିସୂର୍ଯ୍ୟନଗରର କଂଗ୍ରେସ ନେତା ସଞ୍ଜୟ ମଣ୍ଡଳ ଜିଲା ଅବକାରୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି । କୋଦଳା ବସଷ୍ଟାଣ୍ଡ ନିକଟସ୍ଥ ଏକ ଘର ଭିତରେ ଦେଶୀ ମଦ ଭାଟି ଚାଲିଛି। ଜନଗହଳି ପୂର୍ଣ୍ଣ ସ୍ଥାନରେ ଚାଲିଥିବା ଏହି ମଦ ଭାଟିରୁ ବାହାରୁଥିବା ଦୁର୍ଗନ୍ଧ ବାଷ୍ପ ସହରବାସୀଙ୍କୁ ଅସୁବିଧାରେ ପକାଉଛି। ଖଲ୍ଲିକୋଟ ଅବକାରୀ ବିଭାଗ ନୀରବ ରହିଛି ବୋଲି ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି। ଉକ୍ତ ଭାଟି ଅଧୀନରେ ଥିବା ବିଭିନ୍ନ କାଉଣ୍ଟରରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଦେଖିବାକୁ ମିଳୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

# ସଫ୍ଟୱେର ଅପ୍‌ଡେଟ ପରେ ତ୍ରୁଟି, ଡାକ ବିଭାଗ ଅଚଳ

ଭଞ୍ଜନଗର,୫।୮ (ବାବୁଲା ପ୍ରଧାନ)

ଡାକ ବିଭାଗ ଗ୍ରାହକଙ୍କୁ ଉନ୍ନତ ମାନର ସେବା ଯୋଗାଇବା ପାଇଁ ଗତ ସପ୍ତାହରେ ରାଜ୍ୟରେ ନୂଆ ସଫ୍ଟୱେର ଅପ୍‌ଡେଟ କରିଥିଲା। ମାତ୍ର ସଫ୍ଟୱେର ଅପ୍‌ଡେଟ ପରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଫଳରେ ଚିଠି ପଠାଇବା କାର୍ଯ୍ୟ ସମ୍ପୂର୍ଣ ଅଚଳ ହୋଇପଡିଛି। ଭଞ୍ଜନଗର ମୁଖ୍ୟ ଡାକ ଘରେ ମଧ ରେଜିଷ୍ଟ୍ରି ଚିଠି ପଠାଯାଇ ପାରୁନାହିଁ। ଏଥିସହ ଆଉ କିଛି ସେବା ମଧ ପ୍ରଭାବିତ ହୋଇଛି। ବର୍ତ୍ତମାନ ରାଖୀ ପୂର୍ଣ୍ଣିମା ଚାଲିଛି। ଲୋକେ ରାଖୀ ପଠାଇବାକୁ ଆସି ନିରାଶ ହୋଇ ଅଫିସରୁ ଫେରୁଛନ୍ତି। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚିଠି ଯାଇପାରୁନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ନୂଆ ସଫ୍ଟୱେର ଅପଡେଟ କରିବା ପୂର୍ବରୁ ବିଭାଗ ବହୁ ଅର୍ଥ ବ୍ୟୟ କରି କର୍ମଚାରୀଙ୍କୁ ତାଲିମ ଦେଇଥିଲା। ତାଲିମ ପ୍ରକ୍ରିୟା ସରିବା ପରେ ସଫ୍ଟୱେର ଅପ୍‌ଡେଟ କରାଯାଇଥିଲା। ଏହା ପରେ ଏହି ନୂଆ ସଫ୍ଟୱେର ଅପ୍‌ଡେଟ ମାଧ୍ୟମରେ କର୍ମଚାରୀ କରିବାର ଥିଲା। ଅଥଚ ସଫ୍ଟୱେରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇ ଅଚଳାବସ୍ଥା ସୃଷ୍ଟି ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

ସିଆର୍‌ପି ସିଏସ୍ଏ – XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ସିଆର୍‌ପି ସିଏସ୍ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।
ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ — ନିର୍ଦ୍ଦେଶକ

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(କି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ କରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫ । କାର୍ଯ୍ୟର ନାମ: ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୩,୨୯,୯୭,୦୧୫.୭୨ । ଇଏମ୍‌ଡି/ବିଡ୍ ଅମାନତ: ₹୩,୧୫,୦୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୭।୦୮।୨୦୨୫ । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି । (PR-484)

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified
ENGAGEMENT OF APPRENTICES UNDER THE APPRENTICES ACT, 1961
Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଯୁବକ ମୃତ

**ପଟ୍ଟାମୁଣ୍ଡାଇ, ୫।୮ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ସାନମୂଳବସନ୍ତ ଗ୍ରାମରେ ମଙ୍ଗଳବାର ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ସାନମୂଳବସନ୍ତ ଗ୍ରାମର ବଳରାମ ସ୍ୱାଇଁ(୪୧) ଗ୍ରାମର ବଡ଼ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ଗୋଡ଼ ଖସିଯିବାରୁ ବୁଡିଯାଇଥିଲେ। ଏହା ଜାଣିବା ପରେ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଦମକଳକୁ ଖବର ଦେଇଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରରେ ଗାଡ଼ି ନ ଥିବାରୁ ଆଳିରୁ ଦମକଳ ଆସି ପହଞ୍ଚିଥିଲା। ମାତ୍ର ଏହା ପୂର୍ବରୁ ଗ୍ରାମବାସୀ ଗୋପୀନାଥଙ୍କୁ ପୋଖରୀ ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପୀନାଥଙ୍କ ବାପା କିଛିଦିନ ତଳୁ କେଉଁଆଡ଼େ ଚାଲିଯାଇଛନ୍ତି। ଘରେ ତାଙ୍କର ମା' ଓ ସ୍ତ୍ରୀ ଅଛନ୍ତି। ଗୋପୀନାଥ ତାଙ୍କ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଥାନାରେ ଯୁବକଙ୍କୁ ନିସ୍ଥୁକ ମାଡ଼



ଗୁରୁତର ଯୁବକଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଉଛି।

- ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର
- ୩ଦିନ ପରେ ପରିବାର ଲୋକଙ୍କୁ ଜଣାଇଲା ପୋଲିସ

**ଚଣ୍ଡିଖୋଲ, ୫।୮ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନାରେ ଜଣେ ଯୁବକଙ୍କୁ ନିସ୍ଥୁକ ପିଟିଛି ପୋଲିସ। ଏଥିରେ ଯୁବକ ଜଣକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ଅଣକା ପଞ୍ଚାୟତ ମହିପୁର ଗ୍ରାମର ମହେଶ୍ୱର ମଲିକଙ୍କ ପୁଅ ରବୀନ୍ଦ୍ର ମଲିକ। ତେବେ ଏ ସମ୍ପର୍କରେ ପୋଲିସ ରବୀନ୍ଦ୍ରଙ୍କ ପରିବାର ଲୋକଙ୍କୁ ଅବଗତ କରି ନ ଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ମଙ୍ଗଳବାର ଏକଥା ଜାଣିବା ପରେ ପୋଲିସକୁ ପଚାରିଥିଲେ। ଏହାପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ନେଇ କଟକ ବଡ଼ ମେଡିକାଲ ଯାଇଛି। ୩ଦିନ ତଳେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଗତ ରବିବାର ମଧ୍ୟାହ୍ନରେ ମହେଶ୍ୱରଙ୍କ ଘରକୁ ସେହି ଗ୍ରାମର ମହିଳା ନମିତା ମଲିକ ଟଙ୍କା ମାଗିବାକୁ ଯାଇଥିଲେ। ଏହି ସମୟରେ ପଡ଼ୋଶୀ ରମେଶ ମଲିକ ଓ ତାଙ୍କ ପୁଅ ବାଦଲ ସମେତ ଅନ୍ୟମାନେ ଆସି ମହେଶ୍ୱରଙ୍କୁ ମାଡ଼ ମାରିଥିଲେ। ମହେଶ୍ୱର ଭିନ୍ନକ୍ଷମ ହୋଇଥିବାରୁ ରବୀନ୍ଦ୍ର ଏଥିରେ ରାଗି ଯାଇ ମାରଣାସ୍ତ୍ର ଧରି ଆସିଥିବା ରମେଶ ଓ ବାଦଲଙ୍କ ଉପରେ ଗରମ ପେଯ ଢାଳି ଦେଇଥିଲେ। ଏହାକୁ ନେଇ ରମେଶ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପରେ ରବୀନ୍ଦ୍ର ନମିତାଙ୍କୁ ସାଥିରେ ଆଣି ଅପରାହ୍ନ ପ୍ରାୟ ୪ଟାବେଳେ ଥାନାରେ ପାଲଟା ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ଅଟକ ରଖି ନମିତାଙ୍କୁ ଛାଡ଼ି ଦେଇଥିଲା। ରାତିରେ କ'ଣ ହେଲା କେଜାଣି ପୋଲିସ ନିଜ ଗାଡ଼ିରେ ରବୀନ୍ଦ୍ରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। ହେଲେ ଏ ସଂକ୍ରାନ୍ତରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ କୌଣସି ଖବର ଦେଇ ନ ଥିଲା।

ଉକ୍ତ ଘଟଣାର ୩ ଦିନ ପରେ ପୋଲିସଠାରୁ ସୂଚନା ପାଇ ମଙ୍ଗଳବାର ସକାଳେ ମହେଶ୍ୱର, ମାଆ ଭୂତି ଓ ଭଉଣୀ ଲିଲି କଟକ ବଡ଼ ମେଡ଼ିକାଲକୁ ରବୀନ୍ଦ୍ରଙ୍କୁ ଦେଖିବାକୁ ଯାଇଥିଲେ। ଏନେଇ ଲିଲି କହିଛନ୍ତି, ପୋଲିସ କେବଳ ରବୀନ୍ଦ୍ରଙ୍କୁ ଆମସହ ଦେଖା କରାଇଛି, ହେଲେ କଥାବାର୍ତ୍ତା କରାଇ ଦେଉନାହିଁ। ଭାଇ ଗୁରୁତର ଅଛନ୍ତି। ରବିବାର ରାତିରେ ପୋଲିସ ତାଙ୍କୁ ନିସ୍ଥୁକ ମାଡ଼ ମାରି ଆହତ କରିବା ପରେ ମେଡିକାଲରେ ଭର୍ତ୍ତି କରିଛି। ୪ ଜଣ ପୋଲିସ କର୍ମଚାରୀ ତାଙ୍କୁ ମେଡିକାଲରେ ଜଗି ରହିଛନ୍ତି। ୩ ଦିନ ହେବ ପୋଲିସ ଏହି ଘଟଣା ସମ୍ପର୍କରେ ଆମକୁ କିଛି ଜଣାଇ ନ ଥିଲା। ସୋମବାର ବାପା ଓ ମା' ଦିନ ତମାମ ଥାନା ସମ୍ମୁଖରେ ବସିଥିଲେ ମଧ୍ୟ ରବୀନ୍ଦ୍ରଙ୍କୁ ଦେଖା କରିବାକୁ ପୋଲିସ ଦେଇ ନ ଥିଲା। ଅନ୍ୟପକ୍ଷେ ଥାନା ଭିତରେ ରବୀନ୍ଦ୍ର ବିଷ ପିଇଦେଇଥିବା ଅନ୍ୟ କେତେଜଣ ଅଭିଯୋଗ କରିଛନ୍ତି। ହେଲେ ଏ ନେଇ କୌଣସି ସୂଚନା ମିଳିନାହିଁ।

ଏ ସମ୍ପର୍କରେ ଥାନା ଅଧିକାରୀ ସମରଜିତ ନାୟକ କହିଛନ୍ତି, ରବିବାର ରାତିରେ ରବୀନ୍ଦ୍ର ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ମାଡ଼ ମରାଯାଇ ନାହିଁ କିମ୍ବା ସେ ବିଷ ପିଇନାହାନ୍ତି। ତେବେ ଆଇନ ଅନୁଯାୟୀ, ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖିପାରିବ ନାହିଁ। ଏଥିସହିତ ଯଦି ଅଭିଯୁକ୍ତଙ୍କ ଦେହ ଅସୁସ୍ଥ ହୁଏ ତେବେ ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯିବ। ହେଲେ ପୋଲିସ ରବୀନ୍ଦ୍ରଙ୍କୁ ମେଡିକାଲରେ ରଖିବା ୩ ଦିନ ପର୍ଯ୍ୟନ୍ତ କାହିଁକି ପରିବାର ଲୋକଙ୍କୁ ଜଣାଇ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ସ୍ପଷ୍ଟହେବ ବୋଲି ଲିଲି କହିଛନ୍ତି।

## ଭାରିଗଦା ପଞ୍ଚାୟତର ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ମେଳି



ମେଳିରେ ସାମିଲ ହୋଇଥିବା ଚାଷୀମାନେ।

**ରାଜକନିକା, ୫।୮ (ସଞ୍ଜୟ କୁମାର ଦାଶ)**

- ବନ୍ୟାରେ ଉଜୁଡିଗଲା ଚାଷ: ପହଞ୍ଚିଲାନି ପ୍ରଶାସନ
- ସରକାରୀ ସ୍ତରରେ କ୍ଷୟକ୍ଷତି ଆକଳନ କରା ନ ଗଲେ ଆନ୍ଦୋଳନ

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତରେ ଚଳିତ ବର୍ଷ ୨ଥର ବନ୍ୟା ଆସି ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ସେମାନେ କରିଥିବା ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ପ୍ରଶାସନିକ ଅଧିକାରୀ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଖରେ ପହଞ୍ଚିନାହାନ୍ତି କି କ୍ଷୟକ୍ଷତିର ଆକଳନ କରିନାହାନ୍ତି। ପ୍ରଶାସନର ଏପରି ଉଦାସୀନ ମନୋଭାବକୁ ନେଇ ମଙ୍ଗଳବାର ଅଚ୍ୟୁତପୁର ଅନ୍ଧାରଘରଣୀ ଶିବପାର୍ବତୀଙ୍କ ମଣ୍ଡପ ହାଟପଡିଆରେ ଅଞ୍ଚଳର ବରିଷ୍ଠ ଚାଷୀ ନିରାକାର ରାଉତଙ୍କ ଆବାହକତ୍ୱରେ ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ମେଳି ହୋଇଥିଲେ। ମେଳିରେ ବନ୍ୟା ଯୋଗୁ ପଞ୍ଚାୟତର ୭ଶହ ହେକ୍ଟର ଜମିରେ ସମସ୍ତ ପ୍ରକାର ଚାଷ ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ କରିଥିଲେ। ଏହି ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ୨ଥର ବନ୍ୟା ଆସି ଖରିଫ୍ ଧାନ, ପନିପରିବା (ପୋଟଳ, ଜହ୍ନି, ଭେଣ୍ଡି, ବାଇଗଣ ଇତ୍ୟାଦି), ନଳିତା, କଦଳୀ ଆଦି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏବେ ଖରସ୍ରୋତା ନଦୀରେ ଜଳସ୍ତର କ୍ରମଶଃ କମିବାରେ ଲାଗିଛି। ହେଲେ ଚାଷଜମିରୁ ବନ୍ୟାଜଳ ନିଷ୍କାସନ ହେଉନାହିଁ। କାରଣ ଗଞ୍ଜା ନଦୀରେ ହୋଇଥିବା କଲଭର୍ଟ ଅତି କମ୍ ଉଚ୍ଚତା ହେତୁ ଏପରି ସମସ୍ୟା ଉପୁଜିଛି। ଫଳରେ ଚାଷଜମିଗୁଡ଼ିକ ଜଳମଗ୍ନ ହୋଇ ରହୁଛି। ଚାଷୀ ଧାରକରଜ, ସମବାୟ ସମିତି ଓ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଚାଷ କରିଥିଲେ। ହେଲେ ବନ୍ୟାରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେମିତି ପରିବାର ଚଳିବ ଓ ଧାରକରଜ ଟଙ୍କା ସୁଝିବେ ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ଏପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ଚାଷୀମାନଙ୍କ ପାଖରେ ପହଞ୍ଚି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତୁରନ୍ତ ପ୍ରଶାସନିକ ଅଧିକାରୀ ଚାଷୀମାନଙ୍କ ପାଖରେ ପହଞ୍ଚି କ୍ଷୟକ୍ଷତିର ଠିକ୍ ଆକଳନ କରି ସରକାରୀ ସହାୟତା ଯୋଗାଇଦେବା ସହ ଋଣଛାଡ଼ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ପଞ୍ଚାୟତ ଚାଷୀମାନଙ୍କ ପକ୍ଷରୁ ଆନ୍ଦୋଳନ ସହ ତହସିଲ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମୁରଲୀଧର ବେହେରା, ସମିତିସଭ୍ୟ ଶରତ ରାଉତ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ଚାଷୀ କିଶୋର ବେହେରା, ଶୈଳେନ୍ଦ୍ର ପାତ୍ର, ହୃଷୀକେଶ ଜେନା, ରାମଚନ୍ଦ୍ର ବେହେରା, ଦୁଃଶାସନ ଜେନା, ଅରୁଣ ଦାସ, ମାଧବାନନ୍ଦ ବାରିକ, କୈଳାସ ବେହେରା, ବୁଲୁଆ ଜେନା, ବିଜୟ ସାହୁ, ହୃଷୀକେଶ ବେହେରା, କୈଳାସ ବିଶ୍ୱାଳ, ବାଦଲ ବିଶ୍ୱାଳ, ଅଜୟ ଦାସ, ବିଷ୍ଣୁ ସାମଲ, ଗଗନ ମଲ୍ଲିକ, ରମାକାନ୍ତ ନାୟକ, ରମାକାନ୍ତ ଦାସ, ଗୌତମ ବେହେରା, ସୁବାସ ରାଉତ, ନକୁଳ ରାଉତ, ସୁଶାନ୍ତ ମୁଦୁଲି, ଅଞ୍ଜନ ମୁଦୁଲି, ଅମିତ ନାୟକ, ଅଧିରାଜ ଜେନା, ରାଧାଶ୍ୟାମ ରାଉତ, ବିଜୟ ପଲ୍ଲାର, ମନୋଜ ରାଉତ, ଅମର ପରିଡ଼ା ଓ ବିଦ୍ୟାଧର ବରାଳଙ୍କ ସମେତ ଅଞ୍ଚଳର ଅନ୍ୟ ଚାଷୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବଳାତ୍କାରୀ ବାପାଙ୍କୁ ୨୦ ବର୍ଷ ଜେଲ

**ଯାଜପୁରଟାଉନ, ୫।୮ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ବାପା ବଳାତ୍କାର କରିଥିବା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସୋ ଜଜ୍ ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକାଙ୍କ ବାପାମା'ଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ଦିନେ ମାଡ଼ମାରି ତାଙ୍କ ସ୍ତ୍ରୀଙ୍କୁ ଘରୁ ତଡ଼ି ଦେଇଥିଲେ। ଫଳରେ ନାବାଳିକାଙ୍କ ମା' ତାଙ୍କ ବାପଘରକୁ ପଳାଇ ଆସିଥିଲେ। ସାଙ୍ଗରେ ଦୁଇ ସାନ ପୁଅ ଝିଅଙ୍କୁ ନେଇ ଆସିଥିଲେ। ବଡ଼ଝିଅ ବାପାଙ୍କ ପାଖରେଥିଲେ। ତେବେ ମା' ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ତାଙ୍କ ବାପା ପ୍ରଥମେ ଅସଦାଚରଣ କରିଥିଲେ। ପରେ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏହି ଘଟଣାକୁ କାହା ଆଗରେ କହିବାକୁ ଚେଷ୍ଟା କଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ୨୦୨୪ ନଭେମ୍ବର ୧୧ରେ ନାବାଳିକାଙ୍କ ମା' ଆସିବାରୁ ସମସ୍ତ ଘଟଣା ସମ୍ପର୍କରେ ନାବାଳିକା କହିଥିଲେ। ଏ ସମ୍ପର୍କରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ପଚାରିଥିଲେ। ଫଳରେ ତାଙ୍କ ସ୍ୱାମୀ ଉଭୟ ମା' ଓ ଝିଅଙ୍କୁ ମାରଧର କରିଥିଲେ। ପରେ ସେମାନେ ରାତିରେ ସେହି ଗାଁର ଜଣେ ଲୋକଙ୍କ ଘରେ ଆଶ୍ରୟ ନେଇଥିଲେ। ପରଦିନ ଅର୍ଥାତ୍ ନଭେମ୍ବର ୧୨ରେ ଅଭିଯୁକ୍ତ ସେମାନେ ଆଶ୍ରୟ ନେଇଥିବା ଲୋକଙ୍କ ଘରେ ପହଞ୍ଚି ପୁଣି ମାରଧର କରିଥିଲେ। ଏହାଦେଖି ଗ୍ରାମବାସୀ ବିଞ୍ଝାରପୁର ପୁଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନାବାଳିକା ଓ ତାଙ୍କ ମା'ଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାପରେ ପୋଲିସ ନାବାଳିକା ଓ ତାଙ୍କ ବାପାଙ୍କୁ ଡାକ୍ତରୀମାଇନା କରାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଯାଜପୁର ଜିଲ୍ଲା ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ମାମଲାର ଚୂଡ଼ାନ୍ତ ଶୁଣାଣି କରି ବିଚାରପତି ୧୮ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।



ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com

@ କବିତା



@ ପିକାୟ



@ ପ୍ରଦୀପ



@ ସିଦ୍ଧାର୍ଥ



@ ସିପୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଓ ଟ୍ୟାଗ୍ ମାନ୍ୟତା ଅପେକ୍ଷାରେ କେନ୍ଦ୍ରାପଡ଼ା କାଇଁଚକଳା

- ଅନ୍‌ଲାଇନରେ ବିକ୍ରି ହୋଇଛି ୫ ହଜାରରୁ ଅଧିକ
- ଶସ୍ତା ସହ ଆଖିଦୃଶିଆ ହସ୍ତକଳା ମନମୋହୁଛି
- ଆହୁରି ବ୍ୟାପକ ହେବ କେନ୍ଦ୍ରାପଡ଼ା କାଇଁଚ କ୍ଲଷ୍ଟର




ମହିଳାମାନଙ୍କ ଦ୍ୱାରା ନିର୍ମିତ କାଇଁଚ ଓ ଟେରାକୋଟାର ରାଖୀ।

**କେନ୍ଦ୍ରାପଡ଼ା, ୫।୮ (ଜଗନ୍ନାଥ ଧଳ):**

ଆସନ୍ତା ୯ ତାରିଖରେ ରାଖୀପୂର୍ଣ୍ଣିମା। ଭାଇ ହାତରେ ଭଉଣୀ ରାଖୀ ବାନ୍ଧି ନିଜର ସୁରକ୍ଷା ଦାବିକରେ। ଏହାକୁ ଦୃଷ୍ଟିରେ ରଖି ଓର୍‌ମାସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଜଜାଙ୍ଗସ୍ଥିତ ହସ୍ତକଳା କ୍ଲଷ୍ଟରରେ ମହିଳାମାନେ କାଇଁଚ ରାଖୀ ପ୍ରସ୍ତୁତ କରିଛନ୍ତି। ଆମାଜନ୍, ଇଣ୍ଡିଆ ମାର୍ଟ, ଫ୍ଲିପ୍‌କାର୍ଟ ଆଦି ଅନ୍‌ଲାଇନରେ ଚଳିତବର୍ଷ ଏହାର ବିକ୍ରି ବୃଦ୍ଧି ହୋଇଛି। ଅଦ୍ୟାବଧି ୫ ହଜାରୁ ଅଧିକ ରାଖୀ ବିକ୍ରି ହୋଇଛି। ଆମେରିକା, କୁଏଟ୍ ପରି ଦେଶକୁ ୨୦୦ରୁ ଅଧିକ ରାଖୀ ଯାଇଛି। ଶସ୍ତା ସାଙ୍ଗକୁ ଆଖିଦୃଶିଆ କାଇଁଚ ରାଖୀ ଗ୍ରାହକଙ୍କ ମନ ମୋହୁଥିବାବେଳେ ମହିଳା କାରିଗରଙ୍କ ରୋଜଗାର ବାଟ ଫିଟିଛି। ଅପରପକ୍ଷରେ କାଇଁଚ ସାମଗ୍ରୀ ପାଇଁ ଜିଓ ଟ୍ୟାଗ୍ ମାନ୍ୟତା ମିଳୁ ବୋଲି ଦାବି ହେଉଛି।

ଶିବ ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରଶ୍ମିତା ବେହେରା କହିଛନ୍ତି, ଓର୍‌ମାସ ପକ୍ଷରୁ ଜିଲ୍ଲାର ୧୩୦ ସଦସ୍ୟ କାଇଁଚ ହସ୍ତଶିଳ୍ପ ପାଇଁ ତାଲିମ ନେଇଥିଲେ। ବିଭିନ୍ନ ପଲ୍ଲିଶ୍ରୀ ମେଳାରେ ଏହି ହସ୍ତଶିଳ୍ପ ଚାହିଦା ବୃଦ୍ଧି ପରେ ଏହାକୁ ୨୦୧୮ରେ ଅନ୍‌ଲାଇନ ବିକ୍ରି ଆରମ୍ଭ ହୋଇଥିଲା। କରୋନା ସଂକ୍ରମଣ କାଳରେ ଏହି ରାଖୀ ବ୍ୟବସାୟ ସୁଦୂର ପ୍ରସାରି କରାଯାଇଥିଲା। ରାଖୀ ପ୍ରସ୍ତୁତ ପରେ ଏହାର ଫଟୋ ଅନ୍‌ଲାଇନରେ ମୂଲ୍ୟ ସହ ପୋଷ୍ଟ କରାଯାଏ। ଚଳିତବର୍ଷ ରାଖୀର ଦାମ ୨୦ରୁ ୫୦ଟଙ୍କା ମଧ୍ୟରେ ରହିଛି। ଶସ୍ତା ଓ ଆଖିଦୃଶିଆ ରାଖୀ ପାଇଁ ଏହାର ଚାହିଦା ବଢ଼ିଛି। ଅଦ୍ୟାବଧି ଅନ୍‌ଲାଇନରେ ପ୍ରାୟ ୫ ହଜାରରୁ ଅଧିକ ଅର୍ଡର ମିଳିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଆଦର ବଢ଼ିଛି। ଜଜାଙ୍ଗ ଗ୍ରାମର ପ୍ରଭାତୀ ତ୍ରିପାଠୀ କହିଛନ୍ତି, ବର୍ଷାଦିନେ କାଇଁଚ ସଂଗ୍ରହକରି ରଖାଯାଏ। ବର୍ଷକ ମଧ୍ୟରେ କାଇଁଚ ବ୍ୟବହାର କରା ନ ଗଲେ ନଷ୍ଟ ହୋଇଯାଏ। ଜିଲ୍ଲାରେ ବହୁଳ ଭାବେ କାଇଁଚ ମିଳୁଥିବାରୁ ଉତ୍ପାଦିତ ସାମଗ୍ରୀ କମ୍ ଦାମ୍‌ରେ ଲୋକଙ୍କ ନିକଟରେ ପହଞ୍ଚାଇ ହେଉଛି। ଏହାବ୍ୟତୀତ କାଇଁଚ ରାଖୀ ପରିବେଶ ସମ୍ବେଦନଶୀଳ। ଚଳିତବର୍ଷ ଏହି ରାଖୀ ପ୍ରାୟ ୩୦ ଗ୍ରାମରେ ପ୍ରସ୍ତୁତ ହୋଇଛି। ସୋସିଆଲ ମିଡିଆକୁ ବ୍ୟବହାର କରାଯାଇ ଏହାର ବିକ୍ରିକୁ ବ୍ୟାପକ କରାଯାଇଛି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ରସାବଳୀ ପରି କାଇଁଚ ଶିଳ୍ପ ପାଇଁ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ର ସମ୍ମାନ ଅଛି। ଏହା ଆର୍ଥିକ ସମ୍ବଳ ଯୋଗାଉଥିବା ବେଳେ ଜିଲ୍ଲାର ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହନ ଦେଉଛି। ବହୁବର୍ଷ ହେଲା କାଇଁଚ ସାମଗ୍ରୀ ନିର୍ମାଣ ହେଉଥିବାରୁ ଜିଓ ଟ୍ୟାଗ୍ ମାନ୍ୟତା ପାଇଁ ଜିଲ୍ଲା ପ୍ରଶାସନ ଆଗଭର ହେବା ଆବଶ୍ୟକ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ପଚାରିବାରେ କାଇଁଚ ଶିଳ୍ପ ପାଇଁ କେନ୍ଦ୍ରାପଡ଼ା ପ୍ରସିଦ୍ଧ। ଏହାକୁ ପ୍ରୋତ୍ସାହନ ପାଇଁ ୨୦୨୦ ନଭେମ୍ବରରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଦକ୍ଷତା ଆହରଣ ଏବଂ ଜୀବିକା ଉନ୍ନତି ପାଇଁ ଜ୍ଞାନ ସଚେତନତା (ସଂକଳ୍ପ) ଆରମ୍ଭ ହୋଇଛି। ଏଥିପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି ସମୟରେ ସଚେତନ ଉତ୍ପାଦନ ଓ ସ୍ଥିରତା, ବ୍ରାଣ୍ଡ ଫିଡ୍‌ବ୍ୟାକ୍, ଗ୍ରାହକଙ୍କ ମତାମତ, ଦ୍ରବ୍ୟ ଓ ସେବା କର, ଦୈନନ୍ଦିନ ଆର୍ଥିକ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି। ରାଖୀ ପୂର୍ଣ୍ଣିମା ପାଇଁ କାଇଁଚ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରାଯାଇଛି। କେନ୍ଦ୍ରାପଡ଼ାର କାଇଁଛ ହସ୍ତଶିଳ୍ପକୁ ଆହୁରି ବ୍ୟାପକ କରାଯିବ। ଏଥିସହ ଜିଓ ଟ୍ୟାଗ୍ ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ଶ୍ୱଶୁରଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

**ରଘୁନାଥପୁର, ୫।୮ (ରାଜେନ୍ଦ୍ର ନାରାୟଣ ସିଂହ):**

ରଘୁନାଥପୁର ଥାନା ଅଞ୍ଚଳର ଜଣେ ମହିଳା ତାଙ୍କ ଶ୍ୱଶୁରଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା(ନଂ.୧୬୭/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କ ଶାଶୁଘର ଏଠାରେ ହୋଇଥିବା ବେଳେ ସେ ସମ୍ବଲପୁରସ୍ଥିତ ଏକ କମ୍ପାନୀରେ ଚାକିରି କରନ୍ତି। ସେ ଯେତେବେଳେ ଶାଶୁଘରକୁ ଆସନ୍ତି, ସେତେବେଳେ ଏକୁଟିଆ ଦେଖି ଅଭିଯୁକ୍ତ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ସାହୁ(୬୬) ତାଙ୍କୁ ଖରାପ ଇଙ୍ଗିତ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ କୁହନ୍ତି। ଏ ସମ୍ପର୍କରେ ସମ୍ପୃକ୍ତା ମହିଳା ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଭେଟି ଅବଗତ କରିବା ସହ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ଏହାକୁ ଅସ୍ୱୀକାର କରିବା ସହ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଜମିବାଡ଼ିକୁ ନେଇ ତାଙ୍କ ବିରୋଧରେ ଏକ ବିଧିବଦ୍ଧ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି। ପୁଅ ମାତ୍ର ୬ମାସ ପୂର୍ବେ ବିବାହ କରିଥିବାବେଳେ ତାଙ୍କ ଘରର ପ୍ରତ୍ୟେକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଅଭିଯୋଗର ସତ୍ୟାସତ୍ୟ ସିସିଟିଭି ଫୁଟେଜ୍‌ରୁ ମିଳିପାରିବ ବୋଲି ପୂର୍ଣ୍ଣଚନ୍ଦ୍ର ପ୍ରକାଶ କରିଛନ୍ତି। ତାଙ୍କ ବୃଦ୍ଧ ବୟସରେ କେତେଜଣ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ପୁଅବୋହୂଙ୍କୁ ଶିଖାଇ ଏପରି ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି।

# ଅମାନିଆ ଆମିଷ ଦୋକାନୀଙ୍କୁ ଲଗାମ ନାହିଁ

- ■ରାସ୍ତାକଡରେ ବିକ୍ରି ହେଉଛି ମାଛ,ମାଂସ
- ■ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଚଢ଼ାଉକୁ ଖାତିର ନାହିଁ
- ■ମାଛ ମାର୍କେଟକୁ ଯାଉ ନ ଥିବାରୁ ବିବାଦ
- ■ଦାଖଲ ହେଉଛି ମିଥ୍ୟା ସତ୍ୟପାଠ

ନୟାଗଡ଼,୫।୮(ଲୋକନାଥ ମିଶ୍ର)


ରାସ୍ତା କଡ଼ରେ ଖୋଲିଥିବା ମାଛ ଦୋକାନ।

ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପାଖରେ ମାଛ ମାର୍କେଟ ରହିଛି। ହେଲେ ରାସ୍ତା ପାର୍ଶ୍ୱରୁ ମାଛ ଓ ମାଂସ ଦୋକାନ ହଟାଇବାରେ ନୟାଗଡ଼ ମ୍ୟୁନିସିପାଲିଟି ବିଫଳ ହୋଇଛି। କେତେଜଣ ଅମାନିଆ ଆମିଷ ଦୋକାନୀଙ୍କ ଉପରେ ଲଗାମ ଲାଗିପାରିନାହିଁ। ଏପରି କି ମ୍ୟୁନିସିପାଲିଟିର ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଚଢ଼ାଉ ମଧ୍ୟ ସେମାନଙ୍କ ଉପରେ ପ୍ରଭାବ ପକାଉନାହିଁ। ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ସେହି ଦୋକାନୀମାନେ ରାସ୍ତା କଡରେ ଦୋକାନ ଖୋଲୁଛନ୍ତି। ତେବେ ରାସ୍ତା କଡରେ ଆମିଷ ବିକ୍ରୀ ହେଉନି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ପ୍ରତିମାସରେ ସତ୍ୟପାଠ ଦିଆଯାଉଛି। ରାସ୍ତା କଡରେ ଆମିଷ ବିକ୍ରି ସତ୍ତ୍ୱେ ପ୍ରଶାସନ ଦେଉଥିବା ରିପୋର୍ଟ ମିଥ୍ୟା ପ୍ରମାଣିତ ହୋଇଛି। ଅନ୍ୟ ପକ୍ଷେ ରାସ୍ତା ପାର୍ଶ୍ୱ ଦୋକାନୀଙ୍କୁ ଦେଖି ମାଛ ମାର୍କେଟ ଦୋକାନୀମାନେ ଏବେ ରାସ୍ତାକଡ଼କୁ ଫେରିବାକୁ ପ୍ରୟାସ ଆରମ୍ଭ କରିଥିବା ସୂଚନା ମିଳିଛି।

ପ୍ରକାଶଯେ, ନୟାଗଡ ସହରର ନୟାଗଡ଼-ଶରଣକୁଳ ୨୧ନଂ. ରାଜ୍ୟ ରାଜପଥର ପିଟିଏସ୍ ଛକ ଓ କଲେଜ ଉଠାଣ, ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ବାଳିକା ହାଇସ୍କୁଲ ପାଖ, ପୁରୁଣା ଭାଜପା କାର୍ଯ୍ୟାଳୟ ନିକଟସ୍ଥ, ସିନ୍ଦୁରିଆ ଇଦ୍‌ଗା ପାଖରେ ଅନୁରୂପ ଭାବେ ମାଛ ଓ ମାଂସ ବିକ୍ରି ହେଉଛି। ସଂପୃକ୍ତ ସ୍ଥାନରୁ ଆମିଷ ଦୋକାନ ହଟାଇବାରେ ପ୍ରଶାସନ ବିଫଳ ହୋଇଛି। କେତେଜଣ ବ୍ୟବସାୟୀ ନିଜ ନାମ ଗୋପନ ରଖି କହିଛନ୍ତି, ପ୍ରଶାସନର ନିର୍ଦ୍ଦେଶ ମାନି ଆମେ ମାଛ ମାର୍କେଟକୁ ଗଲୁ। ସେଠାରେ ଆମର ବ୍ୟବସାୟ ହ୍ରାସ ପାଇଥିଲେ ମଧ୍ୟ ଆମେ ଚୁପ ହୋଇ ବସି ରହିଛୁ। ତେବେ ଏଯାବତ ରାସ୍ତା କଡରେ ମାଛ ଓ ମାଂସ ବିକ୍ରି ହେଉଥିଲେ ମଧ୍ୟ ସେମାନଙ୍କୁ ଲଗାମ ଲଗାଇ ପାରୁନି ପ୍ରଶାସନ। ଏଣୁ ଆମେ କାହିଁକି ପ୍ରଶାସନ ନିର୍ଦ୍ଦେଶ ମାନି କ୍ଷତି ସହି ଚାଲିଥିବୁ। ଏଣୁ ଆମେ ପୁଣି ସହରର ଗଳି କନ୍ଦିରେ ମାଛ ବିକ୍ରି କରିବୁ ବୋଲି ନିଷ୍ପତ୍ତି ନେଇଛୁ। ନୟାଗଡ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ମାଛ ମାର୍କେଟକୁ କାର୍ଯ୍ୟକ୍ଷମ କରିବାକୁ ବହୁତ କଷ୍ଟ ସହିବାକୁ ପଡିଛି। ତେବେ କେତେଜଣ ଅମାନିଆ ଶୁଣୁ ନାହାନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ମାଛ ମାର୍କେଟକୁ ସ୍ଥାନାନ୍ତରିତ କରିବାକୁ ଉଦ୍ୟମ ଜାରି ରହିଛି।

## ସହର ସୀମାନ୍ତରେ ଆମିଷ ଦୋକାନ

ନୟାଗଡ଼ ସହରରେ ମାଛ ମାର୍କେଟ କାର୍ଯ୍ୟକ୍ଷମ ପରେ ଅନେକ ବ୍ୟବସାୟୀ ମାଛ ମାର୍କେଟକୁ ନ ଯାଇ ସହରର ସୀମାନ୍ତ ଗାଁର ରାସ୍ତା କଡକୁ ବାଛି ନେଇଛନ୍ତି। ଏଣୁ ନୟାଗଡ଼ ବ୍ଲକର ଲେଙ୍କୁଡିପଡା, ସିନ୍ଦୁରିଆ, କଇଥଗାଡିଆ, ଝୁମ୍ପୁଡି ପରି ଅଞ୍ଚଳର ରାସ୍ତାକଡରେ ଆମିଷ ଦୋକାନ ବଢ଼ିବାରେ ଲାଗିଛି। ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱ ସିନ୍ଦୁରିଆ ଓ ଝୁମ୍ପୁଡିଠାରେ, ନୟାଗଡ଼-ଶରଣକୁଳ ରାସ୍ତାର ଲେଙ୍କୁଡିପଡାରେ ଓ ନୟାଗଡ଼-କେଶରପୁର ରାସ୍ତାର କଇଥଗାଡିଆ ଠାରେ ଦୋକାନ ରହିଛି। ବ୍ଲକ ଅଞ୍ଚଳରେ ହେଲେ ବି ରାସ୍ତା କଡରେ ଆମିଷ ଦୋକାନ ହୋଇ ପାରିବନି ବୋଲି ନିୟମ ରହିଛି। ଏଭଳିସ୍ଥଳେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଆମିଷ ଦୋକାନକୁ ହଟାଯାଉନାହିଁ। ଆମିଷ ଦୋକାନ ସମ୍ପର୍କରେ ନୟାଗଡ଼ ତହସିଲଦାର ରାଜେଶ କିଶୋର ସ୍ୱାଇଁ କୁହନ୍ତି, ରାସ୍ତା କଡରୁ ଖୁବ୍ ଶୀଘ୍ର ମାଛ ମାଂସ ଦୋକାନ ହଟାଯିବ ବୋଲି ନିଷ୍ପତ୍ତି ହୋଇଛି। ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

# ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସ୍ୱାମୀ ଜେଲଗଲେ

ଓଡ଼ଗାଁ,୫।୮(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ବାହାଡାଖୋଲ ପଞ୍ଚାୟତ ଶିଙ୍ଗାରପଲ୍ଲୀ ପଞ୍ଚାୟତ ଓଡକପା ଗାଆଁର ଜଣେ ଯୁବକ ନିଜ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଅଭିଯୋଗରେ ତାଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜଗବନ୍ଧୁଙ୍କ ସ୍ତ୍ରୀ ରାଣୀ ବାରିକ(୨୦)ଙ୍କୁ ଗୁରୁତର ଅବସ୍ଥାରେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ନିଜ ବାପାଘର ହାତିଆଖିଳା ଗ୍ରାମରେ ରହିଛନ୍ତି। ରାଣୀଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ଣରେ ଜଗବନ୍ଧୁ ବାପାଘରୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ଏଥିରେ ମୁଁ ରାଜି ନ ହେବାରୁ ସେ ମୋତେ ମାରପିଟ୍ କରିବା ସହିତ ଟଙ୍ଗିଆରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏହାପରେ ଆମ ବାପଘରକୁ ଫୋନ କରି ଝିଅକୁ ଆସି ନେଇଯାଅ, ଅନ୍ୟଥା ତାକୁ ମାରିଦେବି ବୋଲି କହିଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ମୋତେ ଡାକ୍ତରଖାନାକୁ ଆଣିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୩୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ୧ ବର୍ଷ ୨ ମାସ ତଳେ ରାଣୀ ଜଗବନ୍ଧୁଙ୍କୁ ବିବାହ କରିଥିଲେ।

# ଭିନ୍ନକ୍ଷମ ସତ୍ତ୍ୱେ ସରକାରୀ ସୁବିଧାରୁ ବଞ୍ଚିତ

**ଜିଲାପାଳଙ୍କୁ ଫେରାଦ୍ ହୋଇ ଦୁଃଖ ଜଣାଇଲେ**

ନୟାଗଡ଼,୫।୮(ଲୋକନାଥ ମିଶ୍ର)


ଭିନ୍ନକ୍ଷମ ଯୁବକ ରଜତ କୁମାର ସାହୁ।

ନୟାଗଡ଼ ଜିଲା ନୟାଗଡ଼ ବ୍ଲକ ମାଛିପଡା ଗାଁର ରଜତ କୁମାର ସାହୁ ଜଣେ ଭିନ୍ନକ୍ଷମ ଯୁବକ। ହେଲେ ତାଙ୍କ ପ୍ରମାଣପତ୍ରରେ ଅକ୍ଷମତା ପ୍ରତିଶତ ହ୍ରାସ ଯୋଗୁ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏହାକୁ ନେଇ ସେ ଗତ ସୋମବାର ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳଙ୍କ ପରାମର୍ଶ ଅନୁସାରେ ପୁଣି ସିଡିଏମଓଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି। ସୂଚନା ଅନୁଯାୟୀ, ରଜତ ଜନ୍ମରୁ ଭିନ୍ନକ୍ଷମ ନ ଥିଲେ। ୨୦୨୩ ମସିହାର କଥା। ସେ ଦଶମ ଶ୍ରେଣୀରେ ପାଠ ପଢୁଥିବାବେଳେ ଗାଁ ସ୍କୁଲରେ ସାଙ୍ଗ ସାଥିଙ୍କ ସହ ଖେଳୁଥିଲେ। ବଲ୍‌ଟି ସ୍କୁଲ ପାଖ ପାଣିପମ୍ପ ପାଖରେ ପଡି ଯାଇଥିଲା। ବଲ୍‌ଟି ଆଣିବାକୁ ପାଣିପମ୍ପ ନିକଟକୁ ଗଲାବେଳେ ବିଦ୍ୟୁତ୍ କରେଣ୍ଟ ଟାଣି ନେଇଥିଲା। ସେ ସମୟରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପରେ ଡାହାଣ ହାତ ହରାଇଥିଲେ। ଯଦିଓ ପ୍ଲାଷ୍ଟିକ ସର୍ଜରୀ କରାଯାଇ କୃତ୍ରିମ ହାତ ଲଗାଯାଇଛି ତେବେ ସେହି ହାତରେ କାମ କରି ହେଉନି। ଏଭଳିସ୍ଥଳେ ତାଙ୍କୁ ମିଳିଥିବା ଭିନ୍ନକ୍ଷମ ପ୍ରମାଣପତ୍ରରେ ୭୦ ପ୍ରତିଶତ ରହିଥିବା ଯୋଗୁ ପାଠପଢ଼ା ଓ ସରକାରୀ ସୁବିଧାସୁଯୋଗ ମିଳୁନାହିଁ। ସେ କାହାଠାରୁ ଅନୁକମ୍ପା ଚାହୁଁ ନ ଥିବା କହିଛନ୍ତି। ତେବେ ତାଙ୍କର ଯେତିକି କ୍ଷତି ହୋଇଛି ସେତିକି ପ୍ରତିଶତ କରାଯାଉ ବୋଲି ନିବେଦନ କରିଛନ୍ତି। ଡାହାଣ ହାତ କଟି ଯିବା ପରେ ସେ ଶତ ପ୍ରତିଶତ ଅକ୍ଷମ ହୋଇଯାଇଛନ୍ତି ବୋଲି କହିଛନ୍ତି।

# ରାସ୍ତା ସାଢ଼େ ୩ କି.ମି., ଟେଣ୍ଡର ହୋଇଛି ୭ କି.ମି.


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ନୟାଗଡ଼,୫।୮(ଲୋକନାଥ ମିଶ୍ର)

- ■ଜନବସତି ନ ଥିବା ବିଲ, ପାହାଡ, ପୋଖରୀ ପାଇଁ ରାସ୍ତା
- ■ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଦୁର୍ନୀତି

ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ ଢ଼ୋଲମସ୍କା ଠାରୁ ପାଇକବାଙ୍କତରା ଦେଇ ଦୋଳଗୋବିନ୍ଦପୁରକୁ ପଡିଥିବା ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ରାସ୍ତାର ଦୂରତା ସାଢ଼େ ୩ କି.ମି. ହୋଇଥିବାବେଳେ ୭ କି.ମି.ପାଇଁ ଟେଣ୍ଡର କରାଯିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ବିଲ, ପାହାଡ଼, ପୋଖରୀକୁ ରାସ୍ତା ନିର୍ମାଣ କରାଯାଇଥିବା ଅନୁରୂପ ସନ୍ଦେହ ସୃଷ୍ଟି ପରେ ଦୁର୍ନୀତି ପଦାରେ ପଡିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଏପରି ଅନିୟମିତତାର ତଦନ୍ତ ପାଇଁ ଗାଁଲୋକ ଜିଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଢ଼ୋଲମସ୍କା ଦୋଳଗୋବିନ୍ଦପୁର ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାମ ଆରମ୍ଭ ହୋଇଥିଲା। ତେବେ କାମ ଶେଷ ହୋଇ ପାରି ନ ଥିଲା। ନୂଆ ସରକାର ଆସିବା ପରେ ରାସ୍ତା କାମର ଗୁମର ପଦାରେ ପଡିଛି। ପାଇକତିଗିରିଆ ଗାଁର ଜନବସତି ନ ଥିବା ପାହାଡ଼କୁ ରାସ୍ତା, ପୋଖରୀ ହୁଡାରେ ରାସ୍ତା, ଧାନ ବିଲକୁ ରାସ୍ତା କରାଯିବା ମଧ୍ୟ ଠିକ୍ ନୁହେଁ ବୋଲି କୁହାଯାଇଛି। ସେହିପରି ରାସ୍ତାର ଗାର୍ଡୱାଲ କାମ ନିମ୍ନମାନର ହୋଇଛି। ପାଇକବାଙ୍କତରାର ଗ୍ରାମ ମଝିରୁ ଜଗନ୍ନାଥ ରୋଡ଼ ବ୍ରାହ୍ମଣସାହି, ସମାନ୍ତସାହି, ଓ ଭଣ୍ଡାରୀସାହି ରାସ୍ତା କାମ ପ୍ରତିବାଦ ପରେ ବନ୍ଦ ରହିଛି। ପୁଣି ଗଳିକନ୍ଦିରେ ଡ୍ରେନ କରାଯାଇ ନ ଥିବାରୁ ଦଳିତ ସାହିର ଲୋକମାନେ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

# ଜବାବ ଦାଖଲ ପାଇଁ ପୂର୍ବତନ ଅଧ୍ୟକ୍ଷଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଦଶପଲ୍ଲା,୫।୮(ପ୍ରକାଶ କୁମାର ପାଣି)

**ବିଏସ୍ କଲେଜରେ ଡେମୋନଷ୍ଟ୍ରେଟରଙ୍କୁ ନିଲମ୍ବନ ମାମଲା**

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଡେମୋନଷ୍ଟ୍ରେଟର ଭିନ୍ନକ୍ଷମ ଲକ୍ଷ୍ମୀଧର ଶତପଥୀଙ୍କ କାର୍ଯ୍ୟରୁ ନିଲମ୍ବନ ମାମଲାରେ ୨ସପ୍ତାହ ମଧ୍ୟରେ ଜବାବଦାଖଲ କରିବାକୁ ହାଇକୋର୍ଟ ନିଲମ୍ବିତ କରିଥିବା ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଭାସ ଚନ୍ଦ୍ର ନାଏକଙ୍କ ସହ ସମସ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଡେମୋନଷ୍ଟ୍ରେଟର ଲକ୍ଷ୍ମୀଧର ଶତପଥୀ ଜଣେ ଦିବ୍ୟାଙ୍ଗ ହୋଇ ଥିବାରୁ ସେ ନିଜ କଲେଜରେ କାର୍ଯ୍ୟ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ଡେମୋନଷ୍ଟ୍ରେଟର ଲକ୍ଷ୍ମୀଧରଙ୍କ ଦ୍ୱାରା ହାଇକୋର୍ଟରେ ଦାଖଲ ଏକ ରିଟ୍ ପିଟିସନ ବିଚାର କରି କୋର୍ଟ ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୩୧ ବର୍ଷ ଧରି ଭିନ୍ନକ୍ଷମ ଲକ୍ଷ୍ମୀଧର ପଦାର୍ଥ ବିଜ୍ଞାନ ଡେମୋନଷ୍ଟ୍ରେଟର ଭାବେ କାମ କରି ଆସୁଥିବା ବେଳେ ପରିଚାଳନା କମିଟି ସଭାପତି ନୟାଗଡ଼ ଉପଜିଲାପାଳଙ୍କ ପତ୍ର ପାଇବା ପରେ ଗତ ୨୮ ତାରିଖ ଦିନ ପୂର୍ବତନ ଅଧ୍ୟକ୍ଷ ସୁଭାସ ଚନ୍ଦ୍ର ନାଏକ ଲକ୍ଷ୍ମୀଧରଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ରଣପୁର କଲେଜରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଲକ୍ଷ୍ମୀଧରଙ୍କ ଯୋଗଦାନ ପତ୍ରକୁ ରଣପୁର କଲେଜ ଅଧ୍ୟକ୍ଷ ଗ୍ରହଣ କରି ନ ଥିଲେ ବୋଲି ଲକ୍ଷ୍ମୀଧର ଜଣାଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କବିତା


@ ପିକୟ


@ ପ୍ରଦୀପ


@ ସିଦ୍ଧାର୍ଥ


@ ସିପୁନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗରିବଙ୍କୁ ମିଳୁନି ଆବାସ ଯୋଜନାର ସୁଫଳ

ଖଣ୍ଡପଡ଼ା,୫।୮(ଅଜୟ କୁମାର ମହାରଣା)

**ଉପେନ୍ଦ୍ରଙ୍କୁ ଏଯାଏ ମିଳିନି ଘର**


ଉପେନ୍ଦ୍ରଙ୍କ ନୁଆଁଣିଆ ଚଳଘର।

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନାରେ କେନ୍ଦ୍ର ସରକାର ବାସଗୃହ ଯୋଗାଇଦେଉଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇପାରୁ ନାହାନ୍ତି। ଫଳରେ ଆବାସ ଯୋଜନାରୁ ବଞ୍ଚିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ରଉତ ଡୋଳମରା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଉପେନ୍ଦ୍ରନାଥ ସାହୁଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ଝାଟିମାଟି, ଟାଳ ଛପର ଓ ପଲିଥିନ ପକାଯାଇଥିବା ଏକ ନୁଆଁଣିଆ ଘରେ ଉପେନ୍ଦ୍ରନାଥଙ୍କ ପରିବାରବର୍ଗ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ରହୁଥିବା ଗରିବ ଲୋକଙ୍କ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପ୍ରଦାନ ନ କରି ମାସ ପରେ ମାସ ଗଡାଇ ଚାଲିଛି। ଆବାସ ଯୋଜନାରେ ବାସଗୃହଟିଏ ପାଇବା ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ଖଣ୍ଡପଡ଼ା ବିଡିଓ ଓ ନୟାଗଡ଼ ଜିଲାପାଳଙ୍କୁ ଉପେନ୍ଦ୍ରନାଥ ବହୁବାର ଭେଟି ଗୁହାରି କରି ନିରାଶ ହୋଇଛନ୍ତି। ଆବାସ ଯୋଜନାରେ ଗୃହ ପ୍ରଦାନ ନିମନ୍ତେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହିତାଧିକାରୀ ତାଲିକାରେ ଉପେନ୍ଦ୍ରନାଥଙ୍କ ନାମ ଜଣେ ଯୋଗ୍ୟ ହିତାଧିକାରୀ ଭାବେ ସ୍ଥାନ ପାଇଥିଲେ ହେଁ ରଉତ ଡୋଳମରା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ସେ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ରଉତ ଡୋଳମରା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କୁ ଜାଲିଆତି କରି ଯୋଗ୍ୟ ବିବେଚିତ ବୋଲି ଦର୍ଶାଇ ଆବାସ ଯୋଜନାରେ ବାସଗୃହ ପ୍ରଦାନ କରାଯାଇଛି। ହେଲେ ଭଙ୍ଗା କୁଡ଼ିଆ ଓ ଝାଟିମାଟି ଟାଳ ଛପର ଘରେ ବହୁ ବର୍ଷ ଧରି ରହୁଥିବା ଲୋକମାନଙ୍କୁ ଆବାସ ଯୋଜନାରେ ବାସଗୃହ ପ୍ରଦାନ କରାଯାଉନାହିଁ। ଏ ସମ୍ପର୍କରେ ସରପଞ୍ଚ ମୁକ୍ତା ପରିଡ଼ାଙ୍କ ସହ ଯୋଗାଯୋଗ କରିବାରେ ପଞ୍ଚାୟତର ୪୪୦ ଜଣଙ୍କ ନାମ ତାଲିକାଭୁକ୍ତ କରାଯାଇଥିବା ବେଳେ ଉପେନ୍ଦ୍ର ସାହୁଙ୍କ ନାମ ଯୋଗ୍ୟ ହିତାଧିକାରୀ ତାଲିକାରେ ରହିଛି। କ୍ରମିକ ତାଲିକା ଅନୁଯାୟୀ, ହିତାଧିକାରୀମାନେ ଏ ଯୋଜନାର ସୁଫଳ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ନୀଳମାଧବ ପୀଠରେ ଝୁଲଣ ଯାତ୍ରା ଆରମ୍ଭ

ଖଣ୍ଡପଡ଼ା,୫।୮ (ଅଜୟ କୁମାର ମହାରଣା)


ଶ୍ରୀଜୀଉଙ୍କ ଝୁଲଣ ବେଶ।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ପୀଠ, ତତ୍‌ସଂଲଗ୍ନ ରାଧା ମୋହନ ଜୀଉ ମଠ, ଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମ, ସିଧାମୁଣ୍ଡା ଜଗନ୍ନାଥ ଜୀଉଙ୍କ ମନ୍ଦିର, ଖଣ୍ଡପଡ଼ା ଜଗନ୍ନାଥ ଜୀଉ ଓ ଖଳିସାହି ଗୋପାଳ ଜୀଉ ମନ୍ଦିରରେ ମଙ୍ଗଳବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ନୀଳମାଧବ ଜୀଉ ଓ ସିଧାମୁଣ୍ଡା ଜଗନ୍ନାଥ ମନ୍ଦିରରେ ପ୍ରାତଃ ୫ଟାରେ ସ୍ନାନ ଅବକାଶ, ସକାଳ ୭ଟାରେ ବଲ୍ଲଭ, ପୂର୍ବାହ୍ଣ ସାଢ଼େ ୧୧ଟାରେ ସକାଳ ଧୂପ ଓ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇ ଠାକୁର ପହଡ ଯାଇଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ଏକାଦଶୀ ଓ ମହାଦୀପ ଓଠି ରାତି ୮ଟାରେ ଧୂପ ହୋଇଥିଲା। ରାତି ପ୍ରାୟ ସାଢ଼େ ୮ଟା ସମୟରେ ମଦନମୋହନଙ୍କ ସହ ଲକ୍ଷ୍ମୀ ସରସ୍ୱତୀଙ୍କୁ ମୁକ୍ତି ମଣ୍ଡପକୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ ହୋଇଥିଲେ। ସନ୍ଧ୍ୟାରେ ମଦନମୋହନଙ୍କୁ ଝୁଲଣ କୁଞ୍ଜ(ଦୋଳିରେ)ବିଜେ କରାଯାଇ ନାମ ସଂକୀର୍ତ୍ତନ ସହ ଭକ୍ତମାନେ ଶ୍ରୀଜୀଉଙ୍କୁ ଝୁଲାଇ ଥିଲେ। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଝୁଲଣ ସଂଗୀତ ଗାନ କରାଯାଇଥିଲା। ଏହି ଝୁଲଣ କାର୍ଯ୍ୟକ୍ରମ ଆଜିଠାରୁ ୪ ଦିନ ବ୍ୟାପି ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ପ୍ରତିବର୍ଷ ପରି ଚଳିତ ବର୍ଷ ନୀଳମାଧବ ପୀଠରେ ଝୁଲଣ ଉତ୍ସବ ମହାସମାରୋହରେ ପାଳନ କରାଯାଉଛି। ନୀଳମାଧବ ଯୁବକ ସମାଜ କର୍ମକର୍ତ୍ତା ଏହାକୁ ପରିଚାଳନା କରୁଛନ୍ତି। ପ୍ରତି ସନ୍ଧ୍ୟାରେ ଭଜନ ସମାରୋହ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀମାନେ ପକ୍ଷରୁ କୃଷ୍ଣ ଚରିତ ଉପରେ ଆବୃତ୍ତି କରାଯିବ ବୋଲି ସୂଚନା ମିଳିଛି।

# ନିର୍ଦ୍ଧାରିତ ସମୟରେ ଶେଷ ହୋଇନି ୬ ସେତୁ

## କାରଣ ଦର୍ଶାଅ ନୋଟିସ ଜାରି କଲେ ଅଧୀକ୍ଷଣ ଯନ୍ତ୍ରୀ

ଯାଜପୁର, ୫।୮ (ହର୍ଷବର୍ଦ୍ଧନ ବେହେରା)



ସୁକିନ୍ଦା ଡମଶାଳା ନାଳ ଉପରେ ନିର୍ମାଣାଧୀନ ସେତୁ।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଅଧୀନ ଜିଲାର ସୀମାନ୍ତବର୍ତ୍ତୀ ତଥା ସୁକିନ୍ଦା ଖଣି ଅଞ୍ଚଳରେ ଏଯାଏ ଗମନାଗମନ ପାଇଁ ଉପଯୁକ୍ତ ରାସ୍ତା ଓ ବ୍ରିଜ୍ ନିର୍ମାଣ ହୋଇ ପାରିନାହିଁ। କେତେକ ନିର୍ଦ୍ଦିଷ୍ଟ ଏଜେନ୍ସି, ଠିକାଦାରଙ୍କୁ ଅତ୍ୟଧିକ ଅନୁଗ୍ରହ ଦେଖାଇ ଫାଇବା ଦିଆଯାଉଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରୁନାହିଁ ବୋଲି ମତପ୍ରକାଶ ପାଉଛି। ଏହାର ଉଦାହରଣ ଭାବେ ଜିଲାର ୬ଟି ବିଜୁ ସେତୁକୁ ନିଆଯାଇପାରେ, ଯାହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେଥିରୁ ୪ଟି ସେତୁର ନିର୍ମାଣ ଦାୟିତ୍ୱ ଜଣେ ଠିକାଦାରଙ୍କୁ ଦିଆଯାଇଛି। ଏହିକ୍ରମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଭଳି ଅବହେଳା ଓ ଅନିୟମିତତାରୁ ସେବେଠାରେ ନିୟୋଜିତ ଥିବା ଯନ୍ତ୍ରୀମାନେ କିଭଳି ଆଖିବୁଜା ଦୁର୍ନୀତି କରିଛନ୍ତି ସେସବୁ କ୍ରମଶଃ ପଦାକୁ ଆସିଛି।

ଯାଜପୁର ଜିଲାରେ ବହୁ ନଦୀନାଳ ପ୍ରବାହିତ ହେଉଛି। ଉତ୍ତମ ଗମନାଗମନ ବ୍ୟବସ୍ଥାକୁ ସହଜ ଓ ସୁଗମ କରିବାକୁ ବିଜୁ ସେତୁ ଯୋଜନା ପ୍ରଣୟନ ହୋଇଥିଲା। କିନ୍ତୁ ଗ୍ରାମ୍ୟ ନିର୍ମାଣ ବିଭାଗର କେତେକଣ ଯନ୍ତ୍ରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏଯାଏ ତାହା ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ନିର୍ଦ୍ଧାରିତ ସମୟରେ ସେତୁଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ଏବଂ ପରବର୍ତ୍ତୀ ସମୟରେ ମୂଲ୍ୟ ବୃଦ୍ଧି ଯୋଗୁ ସରକାରଙ୍କ ରାଜସ୍ୱହାନି ହେଉଥିବା ଦେଖିବାକୁ ମିଳୁଛି। ଏଠାରେ ସୁକିନ୍ଦାର ଜୀବନରେଖା ଭାବେ ପରିଚିତ ଡମଶାଳା ନାଳକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ନାଳର କାଳିଆପାଣିଠାରୁ ଡବାହାଳି ରାସ୍ତାରେ ୨୦୨୩-୨୪ ବର୍ଷରେ ଏକ ସେତୁ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ଏଥିପାଇଁ ୬ କୋଟି ୫ ଲକ୍ଷ ୧ ହଜାର ୧୯୯ ଟଙ୍କା ଅନୁଦାନ ମିଳିଥିଲା। ବିଭାଗ ପକ୍ଷରୁ ଏ କ୍ଲାସ କଣ୍ଟ୍ରାକ୍ଟର ସରୋଜ କୁମାର ଜେନାଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଏହି ସେତୁ ନିର୍ମାଣ ୧।୧୨।୨୦୨୩ରେ ଆରମ୍ଭ ହୋଇ ୩୧।୫।୨୦୨୫ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ବିଡ଼ମ୍ବନା ଯେ, ମାତ୍ର ୧୬.୬୦% ମୂଲ୍ୟର କାର୍ଯ୍ୟ ହୋଇପାରିଛି। ସେହିପରି ପଣ୍ଡରା ନାଳ ଉପରେ ହରିପୁରଠାରୁ ମଙ୍ଗରାଜପୁର ରାସ୍ତାରେ ୧୦ କୋଟି ୩୩ ଲକ୍ଷ ୫୩ ହଜାର ୪୯୧ ଟଙ୍କା ବ୍ୟୟ ଅଟକଳରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ ପାଇଁ ରିଜିଓନାଲ ଇଞ୍ଜିନିୟର ଆଣ୍ଡ୍ କନଷ୍ଟ୍ରକ୍ସନର ମ୍ୟାନେଜିଂ ପାର୍ଟନର ପୁଣି ସରୋଜ କୁମାର ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବ୍ରିଜ୍ କାମ ୧।୧।୨୦୨୪ରୁ ଆରମ୍ଭ ହୋଇ ୩୦।୬।୨୦୨୫ରେ ଶେଷ ହେବା କଥା। କିନ୍ତୁ ମଞ୍ଜୁର ମୂଲ୍ୟର ମାତ୍ର ୨୯.୪୯% କାମ ସରିଛି। ଏହାବାଦ୍ ସମାନ ଠିକାଦାର ଜେନାଙ୍କୁ ପୁଣି ଦେଉଳିନାକିଆଣି ନାଳ ଉପରେ ଆରଡିଠାରୁ ଆଖୁଆସାହି ନିକଟରେ ଏକ ବ୍ରିଜ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଏହି ବ୍ରିଜ୍ କାମ ୧।୧।୨୦୨୪ରୁ ଆରମ୍ଭ ହୋଇ ୩୧।୩।୨୦୨୫ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ଆବଣ୍ଟିତ ମୂଲ୍ୟର ମାତ୍ର ୬୫% କାର୍ଯ୍ୟ ଶେଷ ହୋଇଛି। ପୁଣି ଠିକାଦାର ସରୋଜ କୁମାର ଜେନାଙ୍କୁ ଖୋଲାମହରା ନାଳାର ପିଡବ୍ଲୁଡି ରାସ୍ତାଠାରୁ ଗରାବନ୍ଧ ଆରଡି ରାସ୍ତା ମଧ୍ୟରେ ବ୍ରିଜ୍ ନିର୍ମାଣ ଦାୟିତ୍ୱ ମିଳିଥିଲା। ଏହି ବ୍ରିଜ୍ କାମ ୨୪।୧୧।୨୦୨୩ରେ ଆରମ୍ଭ ହୋଇ ୨୩।୫।୨୦୨୫ରେ ଶେଷ ହେବା କଥା। କିନ୍ତୁ ଏଯାଏ କାମ ଆରମ୍ଭ ହୋଇନାହିଁ। ଶଙ୍ଖୁଆ ନାଳା ଉପରେ ବୋଉଳାଙ୍ଗଠାରୁ ଆଖୁଆସାହି ମଧ୍ୟରେ ଏକ ବ୍ରିଜ ନିର୍ମାଣ ପାଇଁ ଜୟପ୍ରକାଶ ନାରାୟଣ ପାଣିଙ୍କୁ ଦାୟିତ୍ୱ ମିଳିଥିଲା। ଏହି ବ୍ରିଜ୍ କାମ ୧।୧।୨୦୨୪ରେ ଆରମ୍ଭ ହୋଇ ୩୧।୩।୨୦୨୫ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ମାତ୍ର ୭୫% କାମ ସରିଛି। ବ୍ରାହ୍ମଣୀ ନଦୀର ବଇଁସିରିଆ ନିକଟରେ ବ୍ରିଜ ନିର୍ମାଣ ପାଇଁ ୧୩ କୋଟି ୨୪ ଲକ୍ଷ ୪୨ ହଜାର ୨୨୩ ଟଙ୍କା ଅଟକଳରେ ଶୈଳବାଳା ଇନଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥାକୁ ଦାୟିତ୍ୱ ମିଳିଥିଲା। ଏହାର କାମ ୨୭।୧୨।୨୦୨୩ରେ ଆରମ୍ଭ କରାଯାଇ ୨୬।୬।୨୦୨୫ରେ ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ସମୁଦାୟ ମୂଲ୍ୟର ମାତ୍ର ୨୪.୮୪% କାର୍ଯ୍ୟ ସରିଛି। ତନ୍ତିଘାଇ ନଦୀର କଣ୍ଟିଆ ଭାୟା ଭଅଁରା ଭୁରୁଙ୍ଗା ରାସ୍ତାରେ ହାଇଲେଭଲ ବ୍ରିଜ ନିର୍ମାଣ କରିବାକୁ ୨୫ କୋଟି ୬୯ ଲକ୍ଷ ୨୮ ହଜାର ୩୦୫ ଟଙ୍କା ଅଟକଳରେ ଶ୍ରୀମାନ ଏବଂ ଅମାନ ଇନଫ୍ରା ପ୍ରାଇଭେଟ ଲିଃକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ଏହି ବ୍ରିଜ୍ କାମ ୭।୧।୨୦୨୩ରେ ଆରମ୍ଭ ହୋଇ ୬।୧।୨୦୨୫ରେ ଶେଷ ହେବା କଥା। କିନ୍ତୁ ୪୭.୯୯% କାମ ହୋଇଛି। ଏଭଳି ଅବହେଳା ଯୋଗୁ ଠିକାଦାରମାନଙ୍କୁ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ୧।୮।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଯାଜପୁରଟାଉନ, ୫।୮
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ଯାଜପୁର ଟାଉନ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ବାଇକକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଅଭିମନ୍ୟୁ ମଳିକ(୨୬)। ଏ ସମ୍ପର୍କରେ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଓ ଏସ୍‌ଆଇ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

ସେମାନଙ୍କ ସୂଚନା ଅନୁଯାୟୀ, ଅଲେଖ ଗତ ରବିବାର ଯାଜପୁର ଟାଉନ ଥାନା ଅଧୀନ ଶିଶୁକନ୍ୟାଙ୍କ ଗ୍ରାମରେ ଥିବା ତାଙ୍କ ବନ୍ଧୁ ଘରକୁ ଏକ ଶୁଦ୍ଧିକ୍ରିୟା କର୍ମରେ ଆସିଥିଲେ। ରାତି ୮ରେ ସେ ଶିଶୁକନ୍ୟାଙ୍କୁ ଚକୋଲେଟ ଦେବା ବାହାନାରେ ବାଇକ୍ ଯୋଗେ ରାମବାଗ ବଜାରକୁ ନେଇ ଯାଇଥିଲେ। ସେଠାରେ ସେ ଶିଶୁକନ୍ୟାଶଙ୍କୁ ବଳାତ୍କାର କରିବା ପରେ ଅଧା ରାସ୍ତାରେ ଛାଡ଼ି ପଳାଇଯାଇଥିଲେ। ଶିଶୁକନ୍ୟା ଜଣକ କାନ୍ଦି କାନ୍ଦି ଘରେ ପହଞ୍ଚି ସମସ୍ତ ଘଟଣା ବିଷୟରେ ତାଙ୍କ ଘର ଲୋକଙ୍କୁ କହିଥିଲେ। ଏହାପରେ ବିଳମ୍ବିତ ରାତିରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୫୭/୨୫ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଅଭିମନ୍ୟୁଙ୍କୁ ଗିରଫ କରିଥିଲା। ଏହାପରେ ଶିଶୁକନ୍ୟାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇ ଡାକ୍ତରୀ ମାଇନା କରାଇଥିଲା ବୋଲି ଏସ୍‌ଡିପିଓ ମାଝୀ ଓ ଏସ୍‌ଆଇ ସାହୁ ପ୍ରକାଶ କରିଛନ୍ତି।

# ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜି

## ସାମାଜିକ କର୍ମୀଙ୍କୁ ଆକ୍ରମଣ ଘଟଣା

ଯାଜପୁର, ୫।୮ (ହର୍ଷବର୍ଦ୍ଧନ ବେହେରା):

ସାମାଜିକ କର୍ମୀଙ୍କୁ ଆକ୍ରମଣ ଘଟଣାର ତଦନ୍ତ ହେବ ବୋଲି ଆବେଦନକାରୀ ବିଶ୍ୱନାଥ ପାତ୍ର ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସାମାଜିକ କର୍ମୀ ବିଶ୍ୱନାଥ ପାତ୍ରଙ୍କୁ ୩୦।୬।୨୦୨୫ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆକ୍ରମଣ ହୋଇଥିଲା। ଏ ସମ୍ପର୍କରେ ବିଶ୍ୱନାଥଙ୍କ ଅଭିଯୋଗ ଆଧାରରେ ସୁକିନ୍ଦା ଥାନାରେ ଏକ ମାମଲା(ନଂ.୧୬୧/୨୦୨୫)ରୁଜୁ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ସମେତ ସୁକିନ୍ଦା ବିଜେଡି ସଭାପତି ବିବେକାନନ୍ଦ ବୋଷ ଓ ଅନ୍ୟ ୭ ଜଣଙ୍କ ନାମରେ ବିଶ୍ୱନାଥ ଅଭିଯୋଗ କରିଥିଲେ। ହେଲେ ସୁକିନ୍ଦା ଥାନା ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ବିଶ୍ୱନାଥ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଡିଜି ୱାଇ.ବି. ଖୁରାନିଆ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗକାରୀ ବିଶ୍ୱନାଥ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁସାରେ ସୁକିନ୍ଦା ବ୍ଲକ ମୂଳଖମ୍ବ ଗ୍ରାମର ସାମାଜିକ କର୍ମୀ ବିଶ୍ୱନାଥ ପାତ୍ର ଏକ ଘର ଦୁର୍ନୀତିର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଜୁନ ୩୦ରେ ସୁକିନ୍ଦା ବ୍ଲକକୁ ଯାଇଥିଲେ। ସେଠାରେ ପୂର୍ବତନ ମନ୍ତ୍ରୀ ଘଡେଇଙ୍କ ନିର୍ଦ୍ଦେଶରେ ସୁକିନ୍ଦା ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ ଏବଂ ଅନ୍ୟ କେତେକ ବ୍ୟକ୍ତି ବିଶ୍ୱନାଥଙ୍କୁ ରାସ୍ତା ଉପରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ଡିଏସ୍‌ପି ରତିକାନ୍ତ ଗିରି ଘଟଣା ସ୍ଥଳ ଆସି ତଦନ୍ତ କରିଥିଲେ। ସାମାଜିକ କର୍ମୀ ବିଶ୍ୱନାଥ ସୁକିନ୍ଦା ଥାନାଠାରୁ ଯାଜପୁର ଏସ୍‌ପି ଏବଂ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଅପେକ୍ଷାରେ ରହିଥିଲେ। ଏହାପରେ ଜୁଲାଇ ୯ରେ ଭୁବନେଶ୍ୱରରେ ଭୀମ ଆର୍ମି ସଙ୍ଗଠନର ଏକ ବୈଠକରେ ଥିବାବେଳେ ବିଶ୍ୱନାଥଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଏହାପରେ ବିଶ୍ୱନାଥଙ୍କ ସ୍ୱରକୁ ଚାପି ଦେବାକୁ ପ୍ରୟାସ କରି ତାଙ୍କୁ ହତ୍ୟା କରିବାକୁ ମସୁଧା ଚାଲିଥିବା ସମ୍ପର୍କରେ ରାଜ୍ୟ ପୋଲିସ ଡିଜିଙ୍କୁ ସାକ୍ଷାତ କରି ପୂର୍ବତନ ମନ୍ତ୍ରୀ ଘଡେଇ ଏବଂ ତାଙ୍କ ସହକର୍ମୀଙ୍କ ଟେଲିଫୋନ ରେକର୍ଡ ଯାଞ୍ଚ କରିବାକୁ ଅନୁରୋଧ କରିଥିଲେ।

# ବିଳାସିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

- ଅଭିଯୋଗ ଆଣିଲେ ଗ୍ରାମବାସୀ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ବରୀ, ୫।୮ (ମହେନ୍ଦ୍ର ସ୍ୱାଇଁ):




ବରୀଶିକ୍ଷାମଣ୍ଡଳଅଧୀନବିଳାସିନୀଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖାଦେଇଛି। ଏନେଇ ଅଭିଭାବକ ଓ ଗ୍ରାମବାସୀ ଯାଜପୁର ଜିଲାପାଳଙ୍କ ଜନଶୁଣାଣିରେ ଗତ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜିଲାପାଳ ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ ପ୍ରକୋଷ୍ଠର ପଞ୍ଜୀକରଣ ସଂଖ୍ୟା-୧୮୩ରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବିଦ୍ୟାଳୟ ମଧୁସୂଦନପୁର ପଞ୍ଚାୟତର ସୁନ୍ଦରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ। ବିଦ୍ୟାଳୟରେ ପ୍ରଥମରୁ-ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ପ୍ରଧାନଶିକ୍ଷକ ଯଥେଷ୍ଟ ଅଧିକ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ଦର୍ଶାଇ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ହଡ଼ପ କରୁଛନ୍ତି ବୋଲି ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ସେହିପରି ଏହି ଅନୁଷ୍ଠାନରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟ ଥିବା ରାଜସ୍ୱ ଗ୍ରାମର। ସେମାନେ ୨୦ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷା ଦାନ କରୁଛନ୍ତି। ହେଲେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟକୁ ଆସୁନାହାନ୍ତି। ସେମାନଙ୍କୁ ଅଭିଭାବକମାନେ ପ୍ରଶ୍ନ କଲେ କିଛି ଫରକ ପଡୁନାହିଁ। ଏତଦ୍‌ବ୍ୟତୀତ ଶିକ୍ଷୟିତ୍ରୀଶିକ୍ଷକମାନେ ପାଠ ନ ପଢ଼ାଇ ଅଫିସ ଗୃହରେ ବସି ବ୍ୟକ୍ତିଗତ ଆଲୋଚନା କରୁଛନ୍ତି। ତେଣୁ ବିଦ୍ୟାଳୟରେ ପାଠ ପଢା ହେଉ ନ ଥିବାରୁ ଛାତ୍ରୀଛାତ୍ର ବାହାରେ ବୁଲୁଛନ୍ତି। ଉକ୍ତ ଘଟଣାକୁ ବିଚାରକୁ ନେଇ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଶିକ୍ଷକମାନଙ୍କୁ ବଦଳି କରିବା ସହ ୭ ଦିନ ମଧ୍ୟରେ ଅର୍ଥହଡ଼ପ ଘଟଣାର ତଦନ୍ତ ଦାବି ହୋଇଛି। ଏହା ନ ହେଲେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ପରିସରରେ ଧାରଣାରେ ବସିବେ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି।

ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବରୀ ଶିକ୍ଷାମଣ୍ଡଳ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ କୌଣସି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଆସିନାହିଁ। ନିର୍ଦ୍ଦେଶ ଆସିଲେ ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଜୋନର ସିଆର୍‌ସିସି ଅଜୟ ମଲ୍ଲିକଙ୍କୁ ପଚାରିବାରେ ସେ କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ପ୍ରକାଶ କରିଛନ୍ତି। ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନଶିକକ୍ଷକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ମହିଳାଙ୍କଠାରୁ ୨୪ ହଜାର ଠକିନେଲେ ସାଇବର ଠକ

ଚଣ୍ଡିଖୋଲ, ୫।୮ (ପ୍ରଦୀପ୍ତ କୁମାର ପୃଷ୍ଟି):

ନିଜକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପରିଚୟ ଦେଇ ଜଣେ ଗର୍ଭବତୀଙ୍କଠାରୁ ସାଇବର ଠକ ୨୪ ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହେବା ପରେ ମହିଳା ଜଣକ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗହରନଗର ଗ୍ରାମ ଜେନା ସାହିର କିଶୋର ଜେନାଙ୍କ ସ୍ତ୍ରୀ ରୀନାରାଣୀ ଜେନା। ରୀନାରାଣୀ ୩ ତିନି ମାସର ଗର୍ଭବତୀ। ଗତ ୪ ତାରିଖ ସୋମବାର ତାଙ୍କ ମୋବାଇଲକୁ ଫୋନ କଲ ଆସିଥିଲା। ଫୋନରେ ଠକ ବ୍ୟକ୍ତି ନିଜକୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପରିଚୟ ଦେବା ସହ ଆଶା କର୍ମୀଙ୍କୁ କନଫରେନ୍ସରେ ଆଣି ତାଙ୍କୁ ମମତା ଯୋଜନା ସମ୍ପର୍କରେ ପଚାରିବା ସହ ଅନ୍ୟ ସବୁ ସରକାରୀ ସୁବିଧା ବାବଦରେ ପଚାରିଥିଲେ। ପରେ ରୀନାରାଣୀଙ୍କ ମୋବାଇଲକୁ ଏକ ଲିଙ୍କ ପଠାଇ ଖୋଲିବାକୁ ସମ୍ପୃକ୍ତ ଠକ କହିଥିଲେ। ରୀନାରାଣୀ ସେହି ଲିଙ୍କକୁ ଖୋଲିବା ପରେ ତାଙ୍କ ଆକାଉଣ୍ଟରୁ ୨୪ ହଜାର ଟଙ୍କା କଟି ଯାଇଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

# ସାପ କାମୁଡ଼ାରେ ଜଣେ ମୃତ

ଯାଜପୁରରୋଡ୍, ୫।୮ (ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଖଣ୍ଡାହତା ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ଅଚ୍ୟୁତ ସାହୁ। ଅଚ୍ୟୁତ ସୋମବାର ରାତିରେ ଘର ପଛକୁ କୌଣସି କାମରେ ଯାଇଥିଲେ। ହଠାତ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେ ଅଚେତ ହେଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଅଚ୍ୟୁତଙ୍କ ଭାଇ ଅନାମ ସାହୁ ଯାଜପୁରରୋଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାଉନସିଲର ରବୀନ୍ଦ୍ର ରାଉତ, ପୂର୍ବତନ କାଉନସିଲର ନିରଞ୍ଜନ ରାଉତ, ମନୋରଞ୍ଜନ ଦାସ, ଅନୁରୋଧ ରାଉତରାୟ, ପ୍ରକାଶ ରାଉତ, ବିଦେଶୀ ମହାନ୍ତିଙ୍କ ସମେତ ଗ୍ରାମବାସୀ ମେଡିକାଲରେ ଉପସ୍ଥିତ ଥିଲେ।


## EOI Cancellation Notice

**No.PP- "EOI"** for Installation of permanent lighting system at **Odisha Crafts Museum-Kalabhoomi** invited vide EOI call notice no.1698 **floated on 12.07.2025** is hereby **CANCELLED.**

**Sd./- Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
SIDAC
Tel.No.+91 (0)674-2350138, Email:sidacorissa@gmail.com, www.sidacodisha.
OIPR-31036/11/0027/2526

## GOVERNMENT OF ODISHA
## OFFICE OF THE PANCHAYAT SAMITI, BEGUNIA

No.i-262

**"e" Procurement Notice**

1. Name of the Work : Construction of GPLF Office building with market complex at Sarua GP under Begunia Block
2. Total Number of Works : 01 No.
3. Estimated Cost : Rs.22,58,456.00
4. Class of Contractor : C & Equivalent
5. Period of Completion : 6 Calendar Months
6. Availability of Tender for online : Dt.04.08.2025 at 11.00 A.M. to DT.16.08.2025 at 5.00 P.M.
7. Last date & time of seeking tender clarification : Dt.12.08.2025 at 5.00 P.M.
8. Date & time of opening of tender : Dt.18.08.2025 at 11 A.M.

Further details can be seen from the website www.tenderodisha.gov.in.

Sd./- Block Development Officer
Begunia

OIPR-19302/11/0013/2526

## ODISHA HYDRO POWER CORPORATION LTD.

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA),
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202/8/4446 Date : 02.08.2025

**e-TENDER CALL NOTICE NO. HHEP-42/2025**

**No.CAD-1387** : Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received **online mode only** for the following work in the portal https://tendersodisha.gov.in.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Class of contractor |
|---|---|---|---|---|
| AMC of Non-Residential Buildings of HHEP, Burla | 12,55,642/- | Rs.7080/- (Rs.6000/- + GST 18%) | 12600/- | 'D' & 'C' |

- Sale of tender paper : **06.08.2025 (11.00 AM) to 18.08.2025 upto 03.30 PM**
- Receipt of tender paper : **18.08.2025 upto 03.30 PM**
- Date & time of opening of tender : **18.08.2025 at 04.00 PM**
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR-04007/11/0061/2526 Sd./- UNIT Head, HHEP, Burla

## ZILLA SWASTHYA SAMITI, NABARANGPUR
OFFICE OF CDM & PHO-CUM-DISTRICT MISSION DIRECTOR
NABARANGPUR

No.7801 Date : 04.08.2025

**CORRIGENDUM**

**No.E-289** : In pursuance to the advertisement No 7289 dtd-23.07.2025 of the undersigned, the Walk-in-Interview for the post of Consultant Medicine (NPHCE), Ophthalmic Surgeon (NPCB & VI), Paediatrician DEIC, Medical Officer MBBS-DEIC and Medical Officer SNCU which was scheduled on **05.08.2025** has been postponed and scheduled to be held on **20.08.2025**. The Registration time, venue and other terms and conditions of the advertisement remain unaltered.

Sd./- (Dr. Santosh Kumar Panda)
CDM & PHO-cum-District Mission Director
Nabarangpur
OIPR-10164/11/0006/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORK DIVISION-II, MALKANGIRI

No.O-513

E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**

**Bid Identification No. : RWDSE_MKG_II_ONLINE_05/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Building Repair Works, 2. No. of Works : 37 Nos, 3. Estimated Cost : Rs.1.68 lakhs and Rs.4.20 Lakhs, 4. Tander Paper Cost : Rs. 600/- & Rs.2,000/- , 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date ofOpening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_05 of 2025-26 | 08.08.2025 at 11.00 AM | 20.08.2025 up to 05.30 PM | 19.08.2025 up to 3.00 P.M. | 21.08.2025 up to 11.00 A.M. |

- Further details can be seen in the bidding documents, which is available in there-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

